୦୮ ଫେବୃଆରୀ ୨୦୨୬ ରବିବାର






**ବିଶ୍ୱରେ ଖେଳାଯାଉଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ଶୀତକାଳୀନ ଅଲିମ୍ପିକ୍ସର ଖୁବ ଅଧିକ କ୍ରେଜ ଦେଖିବାକୁ ମିଳିଥାଏ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅନ୍ୟମାନଙ୍କ ଠାରୁ ଭିନ୍ନତା ସହିତ ସ୍ୱତନ୍ତ୍ରତା ମଧ୍ୟ ରହିଥାଏ, ଯାହା ପର୍ଯ୍ୟଟକ ଓ ଖେଳପ୍ରେମୀଙ୍କୁ ଆକର୍ଷିତ କରିବାରେ ସକ୍ଷମ ହୋଇଥାଏ ।**

ଶୀତକାଳୀନ ଅଲିମ୍ପିକ୍ସ, ଯାହା ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ। ଏହି କ୍ରୀଡ଼ା ବରଫ ଉପରେ ଖେଳାଯାଉଥିବା ବିଭିନ୍ନ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସାରା ବିଶ୍ୱର ଆଥଲେଟମାନଙ୍କୁ ଏକାଠି କରିବ। ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ରୀଡ଼ାବିତ୍ ମନୋଭାବ, ବିଶ୍ୱ ଏକତା ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା। ଶୀତକାଳୀନ ଅଲିମ୍ପିକ୍ସର ଇତିହାସ ଅତ୍ୟନ୍ତ ରୋମାଞ୍ଚକର ଏବଂ ଏହା ବିଶ୍ୱର ସର୍ବବୃହତ ଶୀତକାଳୀନ କ୍ରୀଡ଼ା ମହୋତ୍ସବ ଭାବେ ପରିଚିତ । ଏହି ଯାତ୍ରା ପ୍ରକୃତରେ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଆରମ୍ଭ ହୋଇଥିଲା । ଯଦିଓ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ୧୮୯୬ ମସିହାରୁ ଆରମ୍ଭ ହୋଇସାରିଥିଲା, କିନ୍ତୁ ବରଫରେ ଖେଳାଯାଉଥିବା ଖେଳଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ପ୍ରତିଯୋଗିତାର ଆବଶ୍ୟକତା ଅନୁଭୂତ ହେଲା । ଯାହାପରେ ଉଇଣ୍ଟର ଅଲିମ୍ପିକ୍ସର ଆରମ୍ଭ ହୋଇଥିଲା । ପ୍ରଥମେ, ଫିଗର ସ୍କେଟିଂ ଭଳି ଖେଳକୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ସ୍ଥାନ ଦିଆଯାଇଥିଲା, କିନ୍ତୁ ପ୍ରତିକୂଳ ପାଣିପାଗ ଏବଂ ଭିତ୍ତିଭୂମିର ଅଭାବ ଯୋଗୁଁ ଏହା ସବୁବେଳେ ସମ୍ଭବ ହେଉନଥିଲା । ପରବର୍ତ୍ତୀ ସମୟରେ, ୧୯୨୪ ମସିହାରେ ଫ୍ରାନ୍ସର ଚାମୋନିକ୍ସଠାରେ ପ୍ରଥମ ଥର ପାଇଁ "ଆନ୍ତର୍ଜାତୀୟ ଶୀତକାଳୀନ କ୍ରୀଡ଼ା ସପ୍ତାହ" ଆୟୋଜନ କରାଯାଇଥିଲା, ଯାହା ପରେ ବିଧିବଦ୍ଧ ଭାବେ ପ୍ରଥମ ଶୀତକାଳୀନ ଅଲିମ୍ପିକ୍ସର ମାନ୍ୟତା ପାଇଲା । ଏହି ପ୍ରଥମ ଆୟୋଜନରେ ପ୍ରାୟ ୧୬ଟି ଦେଶର ୨୫୦ରୁ ଅଧିକ ଆଥଲେଟ୍ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ସ୍କିଇଂ, ସ୍କେଟିଂ ଏବଂ ଆଇସ୍ ହକି ଭଳି ଖେଳ ମୁଖ୍ୟ ଆକର୍ଷଣ ଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ, ଅର୍ଥାତ୍ ୧୯୪୦ ଏବଂ ୧୯୮୮ ମସିହାରେ, ଏହି କ୍ରୀଡ଼ା ମହୋତ୍ସବ ଆୟୋଜିତ ହୋଇପାରିନଥିଲା, ଯାହା ଏହାର ଇତିହାସରେ ଏକ ବଡ଼ ବ୍ୟାଘାତ ସୃଷ୍ଟି କରିଥିଲା । ଯୁଦ୍ଧ ପରେ ୧୯୪୮ ମସିହାରେ ସୁଇଜରଲ୍ୟାଣ୍ଡର ସେଣ୍ଟ ମୋରିଜ୍ ଠାରୁ ଏହା ପୁନର୍ବାର ଆରମ୍ଭ ହୋଇଥିଲା। ଶୀତକାଳୀନ ଅଲିମ୍ପିକ୍ସର ଇତିହାସରେ ଏକ ବଡ଼ ପରିବର୍ତ୍ତନ ୧୯୯୪ ମସିହାରେ ଆସିଥିଲା। ପୂର୍ବରୁ ଗ୍ରୀଷ୍ମକାଳୀନ ଏବଂ








ଶୀତକାଳୀନ ଅଲିମ୍ପିକ୍ସ ଗୋଟିଏ ବର୍ଷରେ ହିଁ ଅନୁଷ୍ଠିତ ହେଉଥିଲା, କିନ୍ତୁ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଏହାକୁ ପରିବର୍ତ୍ତନ କରି ଦୁଇ ବର୍ଷର ବ୍ୟବଧାନରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଲା । ଯାହାଫଳରେ ଶୀତକାଳୀନ ଅଲିମ୍ପିକ୍ସକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଲା ଏବଂ ପ୍ରଚାର ପ୍ରସାର ହୋଇପାରିଲା । ଆମେରିକା, ରୁଷିଆ, ନରୱେ ଏବଂ କାନାଡା ଭଳି ଦେଶଗୁଡ଼ିକ ଏହି ଖେଳରେ ପାରମ୍ପରିକ ଭାବେ ନିଜର ଆଧିପତ୍ୟ ବଜାୟ ରଖିଛନ୍ତି। ଏବେ ୨୦୨୬ ମସିହାରେ ଇଟାଲୀର ମିଲାନୋ କୋର୍ଟିନାଠାରେ ହେବାକୁ ଥିବା ୨୫ତମ ସଂସ୍କରଣ ଏହି ଐତିହାସିକ ଯାତ୍ରାର ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ।

## ଆୟୋଜକ ଦେଶ

ଶୀତକାଳୀନ ଅଲିମ୍ପିକ୍ସ ୨୦୨୬ ଇଟାଲୀ ଦ୍ୱାରା ଆୟୋଜିତ ହେବ, ଇଟାଲି ଚତୁର୍ଥ ଥର ପାଇଁ ଏହାକୁ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମ ଉତ୍ତର ଇଟାଲୀର ଦୁଇଟି ସହର ମିଲାନ୍ ଏବଂ କୋର୍ଟିନା ଡି' ଆମ୍ପେଜୋରେ ଅନୁଷ୍ଠିତ ହେବ, ଯାହା ଶୀତକାଳୀନ କ୍ରୀଡ଼ା ପାଇଁ ବିଶ୍ୱପ୍ରସିଦ୍ଧ। ଏହି ଖେଳର ଲକ୍ଷ୍ୟ ହେଉଛି ବିଶ୍ୱ ଦରବାରରେ ଇଟାଲୀର କ୍ରୀଡ଼ା ଭିତ୍ତିଭୂମି, ପର୍ଯ୍ୟଟନ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବା । ଏଥିପାଇଁ ସମଗ୍ର ଦେଶବାସୀ ଖୁବ ଉତ୍ସାହିତ ଅଛନ୍ତି। ବିଶ୍ୱର ସମସ୍ତ ଦେଶର ଖେଳାଳୀଙ୍କୁ ସ୍ୱାଗତ କରିବାକୁ ସମସ୍ତେ ପ୍ରସ୍ତୁତ ଅଛନ୍ତି । ପୂର୍ବ ଥର ଅର୍ଥାତ ୨୦୨୪ରେ ଏହା ଫ୍ରାନ୍ସରେ ଆୟୋଜନ ହୋଇଥିଲା ।

## ଲୋଗୋ

ମିଲାନୋ କୋର୍ଟିନା ୨୦୨୬ ଅଲିମ୍ପିକ୍ସର ଆଧିକାରିକ ଲୋଗୋ ଆଧୁନିକ ଡିଜାଇନ୍, ସୃଜନଶୀଳତା ଏବଂ ଦୁଇ ଆୟୋଜକ ସହର ମିଲାନ୍ ଓ କୋର୍ଟିନା ଡି' ଆମ୍ପେଜୋ ମଧ୍ୟରେ ଏକତାକୁ ପ୍ରତିଫଳିତ କରୁଛି । ଏହା ଇଟାଲୀର ସମୃଦ୍ଧ କଳାତ୍ମକ ସଂସ୍କୃତିକୁ ସାରା ବିଶ୍ୱ ଆଗରେ ପଦର୍ଶିତ କରୁଛି। ସେହିଭଳଇ ଚଳିତ ବର୍ଷର ମୋଟୋ ରହିଛି ଇଟସ୍ ୟୁର ଭାଇବ୍ । ଏଠାରେ ଆଇଟି ଶବ୍ଦଟି ଆୟୋଜକ ଦେଶ ଇଟାଲୀକୁ ସୂଚାଉଛି ଏବଂ ସାରା ବିଶ୍ୱର ଲୋକଙ୍କୁ ଅଲିମ୍ପିକ୍ ଭାବନା ସହିତ ଯୋଡ଼ି ହେବାକୁ ଏବଂ ଏକାଠି କ୍ରୀଡ଼ା ଉତ୍ସବ ପାଳନ କରିବାକୁ ଉତ୍ସାହିତ କରୁଛି ।

## ଭବ୍ୟ ରହିବ ଆୟୋଜନ

୨୦୨୬ ଶୀତକାଳୀନ ଅଲିମ୍ପିକ୍ସ ବିଷୟରେ ଉତ୍ତର ଇଟାଲୀରେ ଆୟୋଜିତ ହେବ। ଏହି କ୍ରୀଡ଼ା ମହୋତ୍ସବ ଦୁଇଟି ପ୍ରସିଦ୍ଧ ଶୀତକାଳୀନ କ୍ରୀଡ଼ା ସ୍ଥଳ - ମିଲାନ୍ ଏବଂ କୋର୍ଟିନା ଡି' ଆମ୍ପେଜୋ ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଉଛି। ସୂଚନା ଅନୁସାରେ ଇଟାଲୀ ପୂର୍ବରୁ ତିନିଥର ଅଲିମ୍ପିକ୍ସ ଆୟୋଜନ କରିସାରିଛି । ୧୯୫୬ରେ ଶୀତକାଳୀନ ଅଲିମ୍ପିକ୍ସ କୋର୍ଟିନା ଡି' ଆମ୍ପେଜୋରେ, ୧୯୬୦ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ରୋମରେ, ୨୦୦୬ରେ ଶୀତକାଳୀନ ଅଲିମ୍ପିକ୍ସ ତୁରିନ୍ ଠାରେ ଆୟୋଜିତ ହୋଇଥିଲା । ଏହାପରେ ଚଳିତ ବର୍ଷ ଅର୍ଥାତ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ ଇଟାଲୀର ଚତୁର୍ଥ ଅଲିମ୍ପିକ୍ ଆୟୋଜନ ହେବ। ଏଥିରେ ପ୍ରାୟ ୯୦ଟି







୯୦ଟି ଦେଶର ପ୍ରାୟ ୨,୯୦୦ ଆଥଲେଟ୍ ଅଂଶଗ୍ରହଣ କରିବାର ଆଶା କରାଯାଉଛି । ଏହି କ୍ରୀଡ଼ା ମହୋତ୍ସବରେ ୧୬ଟି ଶୀତକାଳୀନ କ୍ରୀଡ଼ା ବିଭାଗରେ ୧୧୬ଟି ପଦକ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ହେବ । ଚଳିତ ଶୀତକାଳୀନ ଅଲିମ୍ପିକ୍ସର ଏକ ପ୍ରମୁଖ ଆକର୍ଷଣ ହେଉଛି 'ସ୍କି ମାଉଣ୍ଟେନିୟରିଂ ବା ସ୍କିମୋ ' ନାମକ ଏକ ନୂତନ ଖେଳର। ଏହି ଖେଳରେ ଆଥଲେଟମାନେ ସ୍ୱତନ୍ତ୍ର ଉପକରଣ ଏବଂ କୌଶଳ ବ୍ୟବହାର କରି ପାହାଡ଼ିଆ ଅଞ୍ଚଳରେ ଚଢ଼ିବା ସହ ସ୍କିଇଂ କରି ତଳକୁ ଓହ୍ଲାଇଥାନ୍ତି । ଏହାକୁ ନେଇ ଖେଳାଳୀଙ୍କ ସହିତ ଦର୍ଶକ ସମସ୍ତେ ଖୁବ ଉତ୍ସାହିତ ଅଛନ୍ତି । ଚଳିତଥରର ଆଧିକାରିକ ମାସ୍କଟ ହେଉଛି 'ଟିନା' , ଯିଏ କି ଏକ ଧଳା ନେଉଳ, ଯାହା ଦେଖିବାକୁ ଖୁବ ସୁନ୍ଦର ହୋଇଥାଆନ୍ତି । ଏହା ବରଫାବୃତ ଅଞ୍ଚଳରେ ଚପଳତା ଏବଂ ଅନୁକୂଳତାକୁ ସୂଚାଏ। ଏହି ଖେଳରେ ଆଉ ଏକ ଅଂଶ ହେଉଛି ''ଦି ଫ୍ଲୋ'' , ଯାହା ସ୍ନୋ-ଡ୍ରପ୍ ଫୁଲ ଦ୍ୱାରା ଅନୁପ୍ରାଣିତ ଏକ ଚରିତ୍ର ଏବଂ ଏହା ଆଶା ଓ ସହନଶୀଳତାର ପ୍ରତୀକ ଅଟେ । କ୍ରୀଡାବିତଙ୍କଠାରୁ କ୍ରୀଡାପ୍ରେମୀ ସମସ୍ତେ ଏହି ଅଲିମ୍ପିକ୍ସକୁ ନେଇ ଖୁବ ଉତ୍ସାହିତ ଅଛନ୍ତି ।

## କ୍ରୀଡା ସୂଚୀ

ଶୀତକାଳୀନ ଅଲିମ୍ପିକ୍ସ ହେଉଛି ବରଫ ଏବଂ ହିମପାତରେ ଖେଳାଯାଉଥିବା ବିଭିନ୍ନ ରୋମାଞ୍ଚକର ଖେଳର ଏକ ମହାକୁମ୍ଭ। ଏଥିରେ ଅନେକ ପ୍ରକାରର ଖେଳ ଅନ୍ତର୍ଭୁକ୍ତ, ଯାହାକୁ ମୁଖ୍ୟତଃ କିଛି ଶ୍ରେଣୀରେ ବିଭକ୍ତ କରାଯାଇଛି। ଆସନ୍ତୁ ଜାଣିବା ଏହି ଅଲିମ୍ପିକ୍ସରେ କେଉଁକେଉଁ ବିଭାଗରେ ଖେଳାଯାଇଥାଏ ।

### ଆଲପାଇନ୍ ସ୍କିଇଂ

ଏହି ଖେଳରେ କ୍ରୀଡ଼ାବିତ୍‌ମାନେ ପାହାଡ଼ରୁ ତଳକୁ ବରଫ ଉପରେ ଦ୍ରୁତ ଗତିରେ ଖସିଥାନ୍ତି। ଏଥିରେ ବିଭିନ୍ନ ବଙ୍କାବଙ୍କି ରାସ୍ତା ଦେଇ ସର୍ବନିମ୍ନ ସମୟ ମଧ୍ୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପଡ଼ିଥାଏ ।

### ଫିଗର ସ୍କେଟିଂ

ଏହା ବରଫ ଉପରେ କରାଯାଉଥିବା ଏକ କଳାତ୍ମକ ପ୍ରଦର୍ଶନ, ଯେଉଁଥିରେ ବ୍ୟକ୍ତିଗତ କିମ୍ବା ଯୋଡ଼ିରେ ଖେଳାଳିମାନେ ସଙ୍ଗୀତର ତାଳେ ତାଳେ ନାଚିଥାନ୍ତି । ଏଥିରେ ସେମାନଙ୍କର ସନ୍ତୁଳନ, ଶୈଳୀ ଏବଂ କଠିନ କୌଶଳକୁ ଆଧାର କରି ନମ୍ବର ଦିଆଯାଏ ।

### ଆଇସ୍ ହକି

ଏହା ଏକ ଦଳଗତ ଖେଳ ଯାହା ବରଫ ରିଙ୍କ୍ ଉପରେ ଖେଳାଯାଏ। ଦୁଇଟି ଦଳ ମଧ୍ୟରେ ଖେଳାଯାଉଥିବା ଏହି ମ୍ୟାଚରେ ଏକ ଷ୍ଟିକ୍ ସାହାଯ୍ୟରେ ପକକୁ ବିପକ୍ଷ ଦଳର ଗୋଲ୍ ପୋଷ୍ଟରେ ପହଞ୍ଚାଇବାକୁ ଚେଷ୍ଟା କରାଯାଏ । ଏହା ଦେଖିବାକୁ ଖୁବ ମଜାଦାର ହୋଇଥାଏ । ସେହିଭଳି ଖେଳାଳିଙ୍କୁ ମଧ୍ୟ କଠିନ ପରିଶ୍ରମ କରିବାକୁ ପଡିଥାଏ ।

### ସ୍କି ଜମ୍ପିଂ

ଏହି ଖେଳରେ ସ୍କିୟର୍ସମାନେ ଏକ ଢାଲୁ ପାହାଡ଼ରୁ ବହୁତ ଦ୍ରୁତ ଗତିରେ ଖସି ଶୂନ୍ୟରେ ବହୁତ ଦୂରକୁ ଲମ୍ଫ ପ୍ରଦାନ କରନ୍ତି ।













ଏଥିରେ ଲମ୍ଫର ଦୂରତା ଏବଂ ଖେଳାଳିଙ୍କର ହାୱାରେ ରହିବାର ଶୈଳୀ ଉପରେ ପଏଣ୍ଟ ମିଳେ ।

## କର୍ଲିଂ

ଏଥିରେ ଖେଳାଳିମାନେ ବରଫ ଉପରେ ବଡ଼ ବଡ଼ ପଥରକୁ ଘୁଷୁରି ଘୁଷୁରି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳ ପାଖକୁ ପଠାନ୍ତି। ଏହା ଏକ ରଣନୀତି ଭିତ୍ତିକ ଖେଳ ଏବଂ ଏଥିରେ ଟିମ୍ ୱାର୍କର ବହୁତ ଆବଶ୍ୟକତା ଥାଏ ।

## ସ୍ନୋବୋର୍ଡିଂ

ଏଥିରେ ଖେଳାଳିମାନେ ଏକ ବୋର୍ଡ ସାହାଯ୍ୟରେ ବରଫର ଢାଲୁ ଉପରୁ ତଳକୁ ଆସନ୍ତି । ଏହି ଇଭେଣ୍ଟରେ ଖେଳାଳିମାନେ ବିଭିନ୍ନ ପ୍ରକାରର କଳାକୌଶଳ ଓ ଷ୍ଟଣ୍ଟ ପ୍ରଦର୍ଶନ କରନ୍ତି ।

## ବବ୍‌ସ୍ଲେଡ୍

ଏହା ଏକ ଅତ୍ୟନ୍ତ ଦ୍ରୁତ ଗତିଶୀଳ ଖେଳ ଯେଉଁଥିରେ ଦୁଇ ବା ଚାରିଜଣ ଖେଳାଳି ଏକ ସ୍ଲେଜ୍ ଭିତରେ ବସି ବରଫର ସଂକୀର୍ଣ୍ଣ ଓ ବଙ୍କା ପଥ ଦେଇ ତଳକୁ ଖସନ୍ତି । ଏଥିରେ ସମୟର ସଠିକତା ଏବଂ ଗତି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଥାଏ ।

## ସ୍ପିଡ୍ ସ୍କେଟିଂ

ଏହା ବରଫ ଉପରେ ହେଉଥିବା ଏକ ପ୍ରକାରର ଦୌଡ଼ ପ୍ରତିଯୋଗିତା । ଖେଳାଳିମାନେ ସ୍କେଟ୍ ପିନ୍ଧି ଏକ ଓଭାଲ୍ ଟ୍ରାକ୍‌ରେ ପରସ୍ପର ସହ ପ୍ରତିଯୋଗିତା କରି ସର୍ବନିମ୍ନ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚନ୍ତି ।



## ବାୟାଥଲନ

ଏହା କ୍ରସ-କଣ୍ଟ୍ରି ସ୍କିଇଂ ଏବଂ ରାଇଫଲ ସୁଟିଂର ଏକ ମିଶ୍ରଣ। ଖେଳାଳିମାନଙ୍କୁ ଦୂର ପଥ ସ୍କିଇଂ କରିବା ସହିତ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ରାଇଫଲ ସାହାଯ୍ୟରେ ଲକ୍ଷ୍ୟଭେଦ କରିବାକୁ ପଡ଼େ ।

# ଭାରତର ଭାଗୀଦାରି

୨୦୨୬ ଶୀତକାଳୀନ ଅଲିମ୍ପିକ୍ସରେ ଭାରତର ଉପସ୍ଥିତି ସୀମିତ ହେଲେ ମଧ୍ୟ ଏହା ଦେଶର ଶୀତକାଳୀନ କ୍ରୀଡ଼ା କ୍ଷେତ୍ରରେ କ୍ରମାଗତ ଅଗ୍ରଗତିକୁ ସୂଚାଉଛି । ଚଳିତ ସଂସ୍କରଣରେ ଦୁଇଜଣ ଖେଳାଳି ଭାରତକୁ ପ୍ରତିନିଧିତ୍ୱ କରିବେ ବୋଲି ଜଣା ପଡିଛି । ଭାରତର ପ୍ରମୁଖ ଆଲପାଇନ୍ ସ୍କିୟର୍ ଆରିଫ୍ ଖାନ୍ 'ସ୍ଲାଲମ୍' ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରି ଦେଶର ପ୍ରତିନିଧିତ୍ୱ କରିବେ । ଏହାସହ ଷ୍ଟାନଜିନଙ୍କୁ ମଧ୍ୟ କ୍ରସ କଣ୍ଟ୍ରି ସ୍କିଂରେ ଦେଖିବାକୁ ମିଳିବାନେଇ ଚର୍ଚ୍ଚା ହେଉଛି । ଏହାସହ ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କୁ ମଶାଲଧାରୀ ଭାବରେ ଚୟନ କରାଯାଇଛି । ଭାରତୀଯ





ଅଲିମ୍ପିକ୍ସର ଇତିହାସ ବେଶ ପୁରୁଣା । ୧୯୨୭ ମସିହାରେ ପ୍ରତିଷ୍ଠିତ ତଥା ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ ଦ୍ୱାରା ଅଲିମ୍ପିକ୍ସ, ଏସୀୟ କ୍ରୀଡ଼ା ଏବଂ କମନୱେଲଥ ଗେମ୍ସ ପରି ପ୍ରମୁଖ ଆନ୍ତର୍ଜାତୀୟ ପ୍ରତିଯୋଗିତାକୁ ପରିଚାଳନା କରାଯାଇଥାଏ । ପ୍ରତିଯୋଗିତା ପାଇଁ ଆଥଲେଟ୍‌ମାନଙ୍କୁ ଚୟନ କରିବା ସହ ସେମାନଙ୍କ ପ୍ରଶିକ୍ଷଣ, ପ୍ରସ୍ତୁତି ଏବଂ ବିଭିନ୍ନ ଜାତୀୟ କ୍ରୀଡ଼ା ମହାସଂଘ ସହିତ ସମନ୍ୱୟ ରକ୍ଷା କରି ଦେଶରେ ଅଲିମ୍ପିକ୍ ଆଦର୍ଶ ତଥା କ୍ରୀଡ଼ା ମନୋଭାବର ବିକାଶ ପାଇଁ ଏହା କାର୍ଯ୍ୟ କରୁଛି। ଅନେକ ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଖୁବ ଭଲ ରହିଛି । ଭାରତୀୟ ଅଲିମ୍ପିକ୍ସ ଇତିହାସ ଅତ୍ୟନ୍ତ ଗୌରବମୟ, ଯାହାର ଶୁଭାରମ୍ଭ ୧୯୦୦ ମସିହାରେ ନର୍ମାନ୍ ପ୍ରିଚାର୍ଡଙ୍କ ଦୁଇଟି ରୌପ୍ୟ ପଦକ ଜିତିବା ଦ୍ୱାରା ହୋଇଥିଲା । ପରବର୍ତ୍ତୀ ସମୟରେ ଭାରତୀୟ ପୁରୁଷ ହକି ଦଳ, ଅଭିନବ ବିନ୍ଦ୍ରା ସୁଟିଂରେ, ନୀରଜ ଚୋପ୍ରା ଆଥଲେଟିକ୍ସରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତି ଦେଶର ମର୍ଯ୍ୟାଦା ବଢ଼ାଇଥିବା । ଏହାସହ ପି.ଭି. ସିନ୍ଧୁ, ସୁଶୀଲ କୁମାର, ମେରୀ କମ୍ ଏବଂ ମୀରାବାଇ ଚାନୁଙ୍କ ଭଳି କ୍ରୀଡ଼ାବିତ୍‌ମାନେ ବିଶ୍ୱ ସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଏହି ସଫଳତାର ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ଦେଶବାସୀଙ୍କ ସହିତ ଖେଳାଳିଙ୍କର ମଧ୍ୟ ରହିଛି ।

## ଶୀତକାଳୀନ କ୍ରୀଡାର ଗୁରୁତ୍ୱ

ଶୀତକାଳୀନ କ୍ରୀଡା ଅଲିମ୍ପିକ୍ସର ଆୟୋଜନ ପଛରେ କିଛି ମହାନ ଉଦ୍ଦେଶ୍ୟ ରହିଛି । ଏଥିରେ ଖେଳାଯାଉଥିବା କ୍ରୀଡ଼ା ମାଧ୍ୟମରେ ବିଶ୍ୱ ଏକତା ଏବଂ ଆନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିବାର ଲକ୍ଷ ରହିଛି । ଏହାସହ ଇଟାଲୀର ମିଲାନ୍ ଏବଂ କୋର୍ଟିନା ଡି'ଆମ୍ପେଜୋ ଭଳି ସହରଗୁଡ଼ିକରେ ପର୍ଯ୍ୟଟନ ଓ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାର ଉଦ୍ଦେଶ୍ୟ ରହିଛି । ଏହାବ୍ୟତୀତ ଏହି ମହାକୁମ୍ଭ ଶୀତକାଳୀନ କ୍ରୀଡ଼ାର ବିକାଶ ଏବଂ ଯୁବ ଆଥଲେଟ୍‌ମାନଙ୍କୁ ଅନୁପ୍ରାଣିତ କରିବା ସହିତ 'ସ୍କି ମାଉଣ୍ଟେନିୟରିଂ' ବା ସ୍କିମୋ ଭଳି ନୂତନ ଖେଳର ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ଅଲିମ୍ପିକ୍ସରେ ନୂତନତା ପ୍ରଦର୍ଶନ କରିବ । ଏଥିସହ ସ୍ଥାୟୀ ତଥା ପରିବେଶ ଅନୁକୂଳ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଏହା ପରିବେଶ ଦାୟିତ୍ୱବୋଧକୁ ପ୍ରତିପାଦିତ କରିବା ସହ ଇଟାଲୀର ସମୃଦ୍ଧ ସଂସ୍କୃତି ଓ ଆତିଥ୍ୟକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରି ସାଂସ୍କୃତିକ ବିନିମୟକୁ ସୁଦୃଢ଼ କରିବ।

## ଅଲିମ୍ପିକର ଇତିହାସ

ପ୍ରାଚୀନ ଅଲିମ୍ପିକ୍ କ୍ରୀଡ଼ା ୭୭୬ ଖ୍ରୀଷ୍ଟପୂର୍ବରେ ଗ୍ରୀସର ଅଲିମ୍ପିଆଠାରେ ଆରମ୍ଭ ହୋଇଥିଲା । ଏହି କ୍ରୀଡ଼ା କେବଳ ଏକ କ୍ରୀଡ଼ା ପ୍ରତିଯୋଗିତା ନଥିଲା, ବରଂ ଏହା ଏକ ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବ ମଧ୍ୟ ଥିଲା । ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ସମୟକୁ 'ଅଲିମ୍ପିଆଡ୍' କୁହାଯାଉଥିଲା ଏବଂ ଏଥିରେ କେବଳ ସ୍ୱାଧୀନ ଗ୍ରୀକ୍ ପୁରୁଷମାନଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ମିଳୁଥିଲା । ମହିଳାମାନଙ୍କୁ ଏହି ଖେଳ ଦେଖିବା କିମ୍ବା ପ୍ରତିଯୋଗିତା କରିବା ମନା ଥିଲା । ଆଥଲେଟ୍‌ମାନେ କୌଣସି ଆଧୁନିକ ଉପକରଣ ବିନା ଏହି ପ୍ରତିଯୋଗିତା କରୁଥିଲେ, ଯାହା ଶକ୍ତି ଓ ସମାନତାର ପ୍ରତୀକ ଭାବେ ବିବେଚନା କରାଯାଉଥିଲା । ଏଥିରେ ଦୌଡ଼, କୁସ୍ତି, ମୁଷ୍ଟିଯୁଦ୍ଧ, ରଥ ଦୌଡ଼, ବର୍ଚ୍ଛା ଚାଳନା ଏବଂ ପେଣ୍ଟାଥଲନ ଭଳି ପ୍ରମୁଖ ଖେଳ ଅନ୍ତର୍ଭୁକ୍ତ ଥିଲା । ଏହାପରେ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବାରୋନ ପିଏରେ ଡି କୁବର୍ଟିନଙ୍କ ଦ୍ୱାରା ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ପୁନରୁଦ୍ଧାର କରାଯାଇଥିଲା ଏବଂ ୧୮୯୬ ମସିହାରେ ଗ୍ରୀସର ଏଥେନ୍ସଠାରେ ପ୍ରଥମ ଆଧୁନିକ ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଥମ କ୍ରୀଡ଼ାରେ ୧୪ଟି ଦେଶର ପ୍ରାୟ ୨୪୧ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ । ବର୍ତ୍ତମାନ ଏହି କ୍ରୀଡ଼ା ୧୮୯୪ ମସିହାରେ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଦ୍ୱାରା ପରିଚାଳିତ ହେଉଛି । ୧୯୦୦ ମସିହାରେ ପ୍ୟାରିସ ଅଲିମ୍ପିକ୍ସରେ ପ୍ରଥମ କରି ମହିଳାମାନଙ୍କୁ ଅଂଶଗ୍ରହଣ କରିବାର ଅନୁମତି ମିଳିଥିଲା । ୧୯୨୪ ମସିହାରେ ଫ୍ରାନ୍ସର ଚାମୋନିକ୍ସଠାରେ ଶୀତକାଳୀନ ଅଲିମ୍ପିକ୍ସ ଆରମ୍ଭ କରାଯାଇଥିବା ବେଳେ ୧୯୬୦ ମସିହାରେ ଭିନ୍ନକ୍ଷମ ଆଥଲେଟମାନଙ୍କ ପାଇଁ ପାରାଲିମ୍ପିକ୍ କ୍ରୀଡ଼ାର ଶୁଭାରମ୍ଭ ହୋଇଥିଲା । ପରେ ୨୦୧୦ ମସିହାରେ ଯୁବ ଆଥଲେଟମାନଙ୍କୁ ଉତ୍ସାହିତ କରିବା ପାଇଁ ଯୁବ ଅଲିମ୍ପିକ୍ସ ଆରମ୍ଭ କରାଗଲା । ଅଲିମ୍ପିକ୍ ପ୍ରତୀକରେ ଥିବା ପାଞ୍ଚଟି ପରସ୍ପର ସହ ଜଡ଼ିତ ରଙ୍ଗୀନ ଚକ୍ର ମହାଦେଶଗୁଡ଼ିକ ମଧ୍ୟରେ ଏକତାକୁ ପ୍ରତିନିଧିତ୍ୱ କରେ । ଆଧୁନିକ ଅଲିମ୍ପିକ୍ସ ମୁଖ୍ୟତଃ ଶ୍ରେଷ୍ଠତା, ବନ୍ଧୁତା, ଶାନ୍ତି ଏବଂ ବିଶ୍ୱ ଏକତା ଭଳି ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିଥାଏ ।









# ମୃଣାଳ

mrinalchatterjeeiimc
@gmail.com


ଭାରତୀୟ ଜନସଂଚାର ସଂସ୍ଥାନ (ଢେଙ୍କାନାଳ)ର ଛାତ୍ରୀ ଋଜ୍ୟାଙ୍କ ଅଙ୍କିତ ବ୍ୟଙ୍ଗଚିତ୍ର

## ବ୍ୟାଣ୍ଡ ବାଜା ଡିଜେ

ମଣିଷ ଯଦି ଶାନ୍ତ ବାତାବରଣରେ ରହିବ, ତା'ହେଲେ କିଛି କଥା ଚିନ୍ତା କରିପାରିବ । ନିଜର ଭଲ ମନ୍ଦ ବୁଝିପାରିବ । ସେଇଥିପାଇଁ ବର ବାହା ହେବାକୁ ଯିବା ବେଳେ ବ୍ୟାଣ୍ଡ ବାଜା ଡିଜେ - ଏସବୁ ବଜାଯାଏ । ବିଚରା ଜାଣିପାରିବନି ତା'ର କ'ଣ ଅବସ୍ଥା ହେବାକୁ ଯାଉଛି !

## ଜ୍ଞାନ

ଗୋଟେ ଗେଂଜିରେ ଲେଖା ହୋଇଥିଲା: କର୍ମ ଯଦି ପୂଜା ହୁଏ, ତେବେ ମୁଁ ଭାଇ ନାସ୍ତିକ । ପୂଜାପାଠ କରେନି ।




# ଚେରାପୁଞ୍ଜି

ଏହା ଭିତରେ ମୁଁ ଆଉ ମୋ ପତ୍ନୀ ଗୌହାଟୀ, ସିଲଂ ଆଉ ଚେରାପୁଞ୍ଜି ବୁଲିଯାଇଥିଲୁ । ମେଘାଳୟର ରାଜଧାନୀ ସିଲଂରୁ ଚେରାପୁଞ୍ଜି ୫୫ କିଲୋମିଟର । ଭାବିଲୁ, ଚାଲ ଚେରାପୁଞ୍ଜି ବୁଲି ଆସିବା । ଆମେ ଆଗରୁ କେବେ ଚେରାପୁଞ୍ଜି ଯାଇନଥିଲୁ । ଗୋଟେ ସମୟରେ ଚେରାପୁଞ୍ଜି ଥିଲା ପୃଥିବୀର ସବୁଠୁ ଅଧିକ ବର୍ଷା ହେଉଥିବା ଜାଗା । ଏବେ ବର୍ଷା ମାମଲାରେ ଚେରାପୁଞ୍ଜି ଦ୍ୱିତୀୟ ସ୍ଥାନକୁ ଖସି ଆସିଛି । ଶୁଣିଥିଲୁ ସେଠି ଅନେକ ଜଳପ୍ରପାତ ଆଉ ଗୁମ୍ଫା ଅଛି । ଚେରାପୁଞ୍ଜିର ସ୍ଥାନୀୟ ନାଁ ଯେ 'ସୋହରା' ଆମେ ଜାଣି ନ ଥିଲୁ । ସିଲଂରୁ ଚେରାପୁଞ୍ଜି ଯିବା ବାଟରେ ପତ୍ନୀ ଡ୍ରାଇଭରକୁ କହିଲେ, ଚେରାପୁଞ୍ଜି ବଜାରରେ ଟିକେ ଗାଡି ରଖିବ । ଡ୍ରାଇଭର ଉତ୍ତର ଦେଲେ ମ୍ୟାଡମ ଏଠି ଚେରାପୁଞ୍ଜି ବଜାର ବୋଲି କିଛି ନାହିଁ । ଅଛି 'ସୋହରା' ବଜାର । 'ସୋହରା' କୁହନ୍ତୁ ବା ଚେରାପୁଞ୍ଜି - ଜାଗାଟି ପାହାଡ଼ ଉପରେ ।



ଆଉ ଏଠି ପ୍ରଚୁର ବର୍ଷା ହୁଏ । ତେଣୁ ପାହାଡ଼ରୁ ବର୍ଷା ପାଣି ଝରେ । ଉଚ୍ଚ ପାହାଡ଼ରୁ ପାଣି ଜଳପ୍ରପାତ ରୂପରେ ତଳକୁ ଖସେ । ଅନେକ ଜଳପ୍ରପାତ ଅଛି ଏଠି ଆଉ ଅନେକ ଗୁମ୍ଫା । 'ଗାର୍ଡେନ ଅଫ କେଭ' ବୋଲି ଗୋଟେ ଜାଗା ଅଛି, ଯେଉଁଠି ଅନେକ ଗୁମ୍ଫା ଅଛି, ଜଳପ୍ରପାତ ବି ଅଛି । ପାହାଡ଼ ଦେହରେ ରାସ୍ତା ତିଆରି କରି ଦିଆଯାଇଛି, ଚାଲି ଚାଲି ଯାଆନ୍ତୁ ଆଉ ପ୍ରକୃତିର ସୌନ୍ଦର୍ଯ୍ୟ ଦେଖନ୍ତୁ । ଏବେ କିନ୍ତୁ ଏଠି ଏତେ ନିର୍ମାଣ କାର୍ଯ୍ୟ ଚାଲିଛି, ଚୌଡ଼ା ରାସ୍ତା ତିଆରି ହେଉଛି, ହୋଟେଲ ଆଉ ରିସର୍ଟ ତିଆରି ହେଉଛି ଯେ ସବୁଜିମା ଧୀରେ ଧୀରେ କମିଯାଉଛି । ସବୁଜିମା କମିଲେ ବର୍ଷା ଦିନ କମୁଛି । ବର୍ଷା ଜଳ ମାଟି ଭିତରକୁ ଭେଦି ପାରୁନି । ତେଣୁ ବର୍ଷା ନ ହେଉଥିଲେ ଜଳପ୍ରପାତରେ ଜଳ କମିଯାଉଛି । ପାଣି ନ ଥିଲେ ଆଉ ଜଳପ୍ରପାତ କ'ଣ! ଚେରାପୁଞ୍ଜିର ମୁଖ୍ୟ ଆକର୍ଷଣ ଏଠିକାର ଜଳପ୍ରପାତଗୁଡ଼ିକ । ସେଥିରେ ପାଣି କମିଗଲେ, ସେଥିକୁ ପର୍ଯ୍ୟଟକ ଆସିବା ମଧ୍ୟ କ୍ରମଶଃ କମିଯିବ ।

# ପାରା

ପାରାଙ୍କ ବିଷୟରେ ଅନେକ ଗୀତ, କବିତା, ଗପ ରହିଛି । ଆମ ସମାଜ ଜୀବନରେ ପାରାକୁ ଆଦର କରାଯାଏ । କିନ୍ତୁ ବର୍ତ୍ତମାନ ଅନେକେ କହୁଛନ୍ତି ଯେ ପାରା ପକ୍ଷୀ ସମାଜ ଏବଂ ମଣିଷ ସମାଜ - ଉଭୟ ପାଇଁ ଭଲ ନୁହଁ । ପାରାମାନେ ଯେଉଁଠି ରହନ୍ତି ସେଠି ଅନ୍ୟ ଚଢ଼େଇମାନଙ୍କୁ ଶେଷ କରିଦିଅନ୍ତି । ପୂରା ଇକୋସିଷ୍ଟମକୁ ଖରାପ କରି ଦିଅନ୍ତି । ପାରା ଏକମାତ୍ର ଏମିତି ଚଢ଼େଇ ଯିଏ ସହରୀ ଜୀବନ ସହିତ ମହଣ ହେଇଯାଇଛି ଆଉ ଅନ୍ୟ ଚଢ଼େଇମାନଙ୍କୁ ସହରରୁ ବିତାଡ଼ିତ କରିଦେଉଛି । ପାରାମାନେ ମଣିଷକୁ ଆଉ ଡରୁନାହାନ୍ତି । ବାରଣ୍ଡାରେ ଘରେ ଯେଉଁଠି ମଣିଷମାନେ ରହୁଛନ୍ତି ସେଠିବି ପାରାମାନେ ଅଣ୍ଡା ଦେଉଛନ୍ତି ଏବଂ ପାରାଙ୍କର ସଂଖ୍ୟା ଏତେ ବଢ଼ିଯାଉଛି ଯେ ଅନ୍ୟାନ୍ୟ ପକ୍ଷୀମାନେ ଆଉ ଜାଗା ପାଉନାହାନ୍ତି । ପାରାମାନଙ୍କୁ ଯେଉଁମାନେ ଶୀକାର କରୁଥିଲେ ଯେମିତି ଚିଲ, ବାଜପକ୍ଷୀ ଏମାନେ ଧୀରେ ଧୀରେ ଅଦୃଶ୍ୟ ହୋଇଗଲେଣି । ଯାହାଫଳରେ ପାରାମାନଙ୍କର ସଂଖ୍ୟା ବଢ଼ିଚାଲିଛି । ଏମିତିରେ ହିଁ ଭାରତୀୟ ସମାଜରେ ପାରାକୁ ଆଦର କରାଯାଏ ତେଣୁ ପାରାକୁ ମାରି ଖାଇବା ବହୁତ କମ୍ । ତେଣୁ ସେମାନଙ୍କ ସଂଖ୍ୟା ବଢ଼ିଯାଉଛି । କେବଳ ଏତିକି ନୁହେଁ ପାରାମାନେ ମଣିଷ ଏବଂ ପଶୁପକ୍ଷୀମାନଙ୍କ ଭିତରେ ବିଭିନ୍ନ ରୋଗ ସୃଷ୍ଟି କରୁଛନ୍ତି ବୋଲି ଡାକ୍ତରମାନେ କହୁଛନ୍ତି । ସମ୍ପ୍ରତି ଗୁଜରାଟର ସୁରଟ ଏବଂ ଅହମଦାବାଦରେ କେତେକ ଲୋକଙ୍କର ମୃତ୍ୟୁହେଲା । ପରୀକ୍ଷାରୁ ଜଣାପଡିଲା ଯେ ଏମାନଙ୍କର ମୃତ୍ୟୁର କାରଣ ହେଉଛନ୍ତି ପାରା । ପାରାମାନଙ୍କୁ ଯେଉଁ ରୋଗ ହଉଛି ତା' ମଧ୍ୟରୁ କିଛି ପ୍ରମୁଖ ରୋଗ ହେଉଛି ହିଷ୍ଟୋ ପ୍ଲାଜମୋସିସ୍, କ୍ରିପଟୋ କୋକୋସିସ୍, ସିଟାକୋସିସ୍ ଏବଂ ହାଇପରସେନସିଟିଭିଟି, ନିୟୁମୋନାଇଟ୍ସ । ଏସବୁ ରୋଗ ପାରାମାନଙ୍କର ମଳ, ପର ଆଉ ଧୂଳିରୁ ଅନ୍ୟମାନଙ୍କ ଦେହକୁ ଯାଉଛି । ହିଷ୍ଟୋପ୍ଲାଜମୋସିସ୍ ଗୋଟେ ଫଙ୍ଗାଲ ସଂକ୍ରମଣ । ପାରାଙ୍କ ମଳରେ ଏହି ଫଙ୍ଗସ୍ ହିଷ୍ଟୋ ପ୍ଲାଜମା କେପସୁଲାଟମ ଅନ୍ୟ ଦେହକୁ ଯାଉଛି । ପାରାମାନେ ଭାରତୀୟର ମୂଳବାସିନ୍ଦା ନୁହନ୍ତି । ଏମାନେ ଆଫ୍ରିକାରୁ ଭାରତକୁ ଆସିଛନ୍ତି । ଭାରତରେ ଏମାନଙ୍କ ସଂଖ୍ୟା ଏତେ ବଢ଼ିଛି ଯେ ଅନ୍ୟାନ୍ୟ ପକ୍ଷୀମାନଙ୍କୁ ପ୍ରାୟ ବିଲୁପ୍ତ କରିଦେବାକୁ ବସିଲେଣି । ମୁମ୍ବାଇରେ ଜୈନ ସଂପ୍ରଦାୟ ପାରାମାନଙ୍କୁ ଖାଦ୍ୟ ଦିଅନ୍ତି । ତାକୁ ଯେତେବେଳେ ବନ୍ଦ କରିବାପାଇଁ ପଦକ୍ଷେପ ନିଆଗଲା ସେତେବେଳେ ସେମାନେ ଆନ୍ଦୋଳନ କଲେ । ପାରାମାନଙ୍କ ତୁଳନାରେ ବର୍ତ୍ତମାନ ଅନ୍ୟାନ୍ୟ ଚଢ଼େଇ ବୁଲ୍‌ବୁଲ୍, ଟିଆ, ଟିଟିରି, ଯେଉଁମାନେ ଭାରତୀୟମୂଳର ପକ୍ଷୀ ଏବଂ ସହରରୁ କ୍ରମଶଃ ବିଲୁପ୍ତ ହେବାପାଇଁ ଯାଉଛନ୍ତି ସେମାନଙ୍କୁ ବଞ୍ଚେଇବା ଏବେ ଅଧିକ ଆବଶ୍ୟକ । ଆଉ ସେମାନେ ସେତେବେଳେ ହିଁ ବଞ୍ଚିପାରିବେ ଯେତେବେଳେ ପାରାମାନଙ୍କର ସଂଖ୍ୟା କମିବ । ଅଧିକାଂଶ ସହରର ଆପାଟମେଣ୍ଟ ବ୍ଲକଗୁଡ଼ିକର ଛାତରେ ପାରାମାନଙ୍କର ବସା ରହୁଛି । ଏହାଫଳରେ ଛାତରେ ପାରାର ମଳ ରହୁଛି ଯାହାଫଳରେ ବିଭିନ୍ନ ରୋଗ ଏବଂ ଆଲର୍ଜି ମଧ୍ୟ ହେଉଛି ଲୋକମାନଙ୍କୁ । ବର୍ତ୍ତମାନ ସମୟ ଆସିଛି ଯେ 'ଆସ ଆସ ପାରାଯୋଡିକ ମୋ ପିଣ୍ଡାରେ ବସ' ଏ ଗୀତକୁ ବଦଳେଇବାର ।



# ଗଣତନ୍ତ୍ର

ପାଠ କହୁଛି ଗଣତନ୍ତ୍ର ହେଲା ଏମିତି ଏକ ଶାସନ ବ୍ୟବସ୍ଥା, ଯେଉଁଠି ସଂଖ୍ୟାଗରିଷ୍ଠ ଜନମତକୁ ମାନି ନିଆଯାଏ । ତାଙ୍କ କଥା ଅନୁସାରେ ନିଷ୍ପତ୍ତି ନିଆଯାଏ । ହେଲେ ୧୯୭୦ ମସିହାରୁ ମୋର ଗଣତନ୍ତ୍ର ଉପରୁ ଆସ୍ଥା ତୁଟି ଯାଇଛି । ଘଟଣାଟି ଥିଲା ଏପ୍ରକାର । ଆମେ ସେତେବେଳେ ଛୋଟ ଥିଲୁ । ଗୋଟିଏ ଶନିବାର ଦିନ, ବାପା, ମା ଏବଂ ଆମେ ତିନି ଭାଇ-ଭଉଣୀ ଏକାସଙ୍ଗରେ ବସି ଡିନର ଖାଉଥିଲୁ । ବାପା ପଚାରିଲେ- "କାଲି ଛୁଟି ଅଛି । ତୁମେ ସମସ୍ତେ ସାନକାକାଙ୍କ ଘରକୁ ଯିବ, ନା ମାମୁ ଘରକୁ ଯିବ ?" ଆମେ ସମସ୍ତେ ଭାଇ-ଭଉଣୀ ଏକାସଙ୍ଗରେ କହିଲୁ- "କାକାଙ୍କ ଘରକୁ ଯିବୁ ।" କେବଳ ମା'ଙ୍କ ମତ ଥିଲା- "ମାମୁ ଘରକୁ ।" ଯେହେତୁ ସଂଖ୍ୟାଗରିଷ୍ଠ ଜନମତ କାକାଙ୍କ ଘରକୁ ଯିବା ପକ୍ଷରେ ଥିଲା, ସେହିଅନୁସାରେ ନିଷ୍ପତ୍ତି ହେଲା ଯେ ଆସନ୍ତାକାଲି ଆମେ ସମସ୍ତେ କାକାଙ୍କ ଘରକୁ ଯିବୁ । ବାପା ଆମର ମତାମତକୁ ସମ୍ମାନ ଦେଇ ଘୋଷଣା କରିଥିଲେ-"ଠିକ୍ ଅଛି, ଏବେ ସମସ୍ତେ ଚଞ୍ଚଳ ଶୋଇପଡ଼ । କାଲି ଆମେ ସମସ୍ତେ କାକାଙ୍କ ଘରକୁ ଯିବୁ ।" ଆମେ ସମସ୍ତେ ପରଦିନ ଯାତ୍ରାର ଖୁସିରେ ଶୋଇବାକୁ ଚାଲିଗଲୁ । ରବିବାର ସକାଳେ ଉଠି ଦେଖୁଛୁ ମା' ଗାଧୋଇ ସାରିଲାଣି । ଓଦା ବାଳକୁ ତଉଲିଆରେ ପୋଛୁ ପୋଛୁ କହିଲା, "ସମସ୍ତେ ଶୀଘ୍ର ରେଡି ହୋଇଯାଅ । ଆମେ ସମସ୍ତେ ମାମୁ ଘରକୁ ଯିବୁ ।" ମୁଁ ମା କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ବାପାଙ୍କ ଦିଗକୁ ଚାହିଁ ଦେଖିଲି- ସେ ଖବରକାଗଜ ପଛପଟେ ନିଜ ମୁହଁ ଲୁଚାଇଥିଲେ । ସେଇ ଦିନେ ମୁଁ ସାର କଥାଟି ବୁଝିଗଲି: ଗଣତନ୍ତ୍ର, ଜନମତକୁ ସମ୍ମାନ... ଏ ସବୁ କେବଳ କହିବା କଥା । ଅସଲ ନିଷ୍ପତ୍ତି ହୁଏ ବନ୍ଦ ଘର ଭିତରେ, ଗୁପ୍ତ ଆଲୋଚନାରେ- ଯେତେବେଳେ ବିଚରା ଜନସାଧାରଣ ଗଭୀର ନିଦ୍ରାରେ ଥାଏ ।

(ସୌଜନ୍ୟ: ସାମାଜିକ ଗଣମାଧ୍ୟମ)



ଫରହାନ ଅଖତର ବର୍ତ୍ତମାନ ପାଇଁ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ଡନ୍ ୩' ରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି ଏବଂ ନିଜର ସବୁଠାରୁ ପ୍ରିୟ ପ୍ରୋଜେକ୍ଟ 'ଜୀ ଲେ ଜରା' ଉପରେ ଧ୍ୟାନ ଦେଉଛନ୍ତି । ରଣବୀର ସିଂ ଏହି ଫିଲ୍ମରୁ ଓହରିବା ପରେ 'ଡନ୍ ୩' କୁ ନେଇ ଚର୍ଚ୍ଚା ଜାରି ରହିଥିଲେ ମଧ୍ୟ, ଫରହାନ କାଷ୍ଟିଂ ପ୍ରକ୍ରିୟାରେ କୌଣସି ଶୀଘ୍ରତା କରିବାକୁ ଚାହୁଁନାହାଁନ୍ତି । ଏହି ଆଇକନିକ୍ ଫ୍ରାଞ୍ଚାଇଜ୍‌କୁ ଆଗକୁ ନେବା ପାଇଁ ସେ ଜଣେ ଯୋଗ୍ୟ ଚେହେରା ଖୋଜୁଛନ୍ତି ।

## ବଦଳୁଛି ପ୍ରୋଜେକ୍ଟ

ସୂଚନା ଅନୁସାରେ "ଫରହାନ ଅନୁଭବ କରୁଛନ୍ତି ଯେ 'ଡନ୍' ପାଇଁ କାଷ୍ଟିଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଭୂମିକା ପାଇଁ କିଏ ଉପଯୁକ୍ତ ହେବ ସେ ନେଇ ସେ ସମ୍ପୂର୍ଣ୍ଣ ନିଶ୍ଚିତ ହେବାକୁ ଚାହୁଁଛନ୍ତି, ଏବଂ ଏହା ଏକ ଦୀର୍ଘ ପ୍ରକ୍ରିୟା । ଏହି ନିଷ୍ପତ୍ତି ସହିତ, ଫରହାନ ଏବେ କ୍ୟାଟ୍ରିନା କୈଫ୍, ଆଲିଆ ଭଟ୍ଟ ଏବଂ ପ୍ରିୟଙ୍କା ଚୋପ୍ରା ଜୋନାସଙ୍କ ଅଭିନୀତ 'ଜୀ ଲେ ଜରା' ପାଇଁ ପୁଣିଥରେ ଆଲୋଚନା ଆରମ୍ଭ କରିଛନ୍ତି, ଯାହାକୁ ନେଇ ଘୋଷଣା ଦିନଠାରୁ ହିଁ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି । 'ଜୀ ଲେ ଜରା'ର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇ ସାରିଛି, କିନ୍ତୁ ତିନିଜଣ ଅଭିନେତ୍ରୀଙ୍କ ସମୟ ମିଳିବାରେ ସମସ୍ୟା ହେଉଥିବାରୁ ଏହା ବିଳମ୍ବ ହେଉଥିଲା । ଯଦି ସବୁକିଛି ଠିକ୍ ରହେ, ତେବେ ୨୦୨୬ର ଶେଷଭାଗରେ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରେ ।

## ଖୁସି ଅଛନ୍ତି ସୌମ୍ୟା

ଅଭିନେତ୍ରୀ ସୌମ୍ୟା ଟଣ୍ଡନଙ୍କୁ ନିକଟରେ ଫିଲ୍ମ 'ଧୁରନ୍ଧର'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଥିଲା । ଯାହାପରେ ଏବେ ସୌମ୍ୟା ଏକ ନୂଆ ଏବଂ ରୋମାଞ୍ଚକର ପ୍ରୋଜେକ୍ଟରେ କାମ କରିବାକୁ ଯାଉଛନ୍ତି । ରିପୋର୍ଟ ଅନୁଯାୟୀ, ସୌମ୍ୟା ସୁରଜ ବଡ଼ଜାତ୍ୟାଙ୍କ ଆଗାମୀ ଚଳଚ୍ଚିତ୍ର 'ୟେ ପ୍ରେମ ମୋଲ୍ ଲିଆ' ରେ ସାମିଲ ହୋଇଛନ୍ତି । ଏହି ଫିଲ୍ମରେ ଆୟୁଷ୍ମାନ ଖୁରାନା ଏବଂ ଶର୍ବରୀ ମୁଖ୍ୟ ଭୂମିକାରେ ଅଛନ୍ତି । ସୂଚନା ଅନୁଯାୟୀ, ସୌମ୍ୟାଙ୍କ ଚରିତ୍ର ଏହି ଫିଲ୍ମରେ ଏକ ସୁନ୍ଦର ଟୁଇଷ୍ଟ ଆଣିଛି । ନିଜର ଭାବପୂର୍ଣ୍ଣ କାହାଣୀ ଏବଂ ପାରିବାରିକ ଡ୍ରାମା ପାଇଁ ଜଣାଶୁଣା ସୁରଜ ବଡ଼ଜାତ୍ୟା, 'ୟେ ପ୍ରେମ ମୋଲ୍ ଲିଆ' ମାଧ୍ୟମରେ ଦର୍ଶକଙ୍କୁ ଏକ ରୋମାନ୍ସ ଟ୍ରାକ ଦେଖାଇବାକୁ ଯାଉଛନ୍ତି । ଏହି ଫିଲ୍ମରେ ଆୟୁଷ୍ମାନ ଖୁରାନା ଶର୍ବରୀଙ୍କୁ ଏକାଠି ଦେଖିବାକୁ ମିଳିବ, ଯାହା ଫିଲ୍ମକୁ ହିଟ କରାଇବାରେ ସଫଳ ହେବ ବୋଲି ମେକର୍ସ ଆଶା ରଖିଛନ୍ତି । ସୌମ୍ୟା ଟଣ୍ଡନଙ୍କ ସହଯୋଗରେ, ଏହି ଚଳଚ୍ଚିତ୍ରର ଷ୍ଟାରକାଷ୍ଟରେ ଅନୁଭବ ଏବଂ ନୂତନତ୍ୱର ଏକ ସୁନ୍ଦର ମିଶ୍ରଣ ଦେଖିବାକୁ ମିଳିବ । ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଏବେଠାରୁ ଉତ୍ସାହ ବଢ଼ିବାରେ ଲାଗିଛି । ଧୁରନ୍ଧର ପରେ ସୌମ୍ୟା ମଧ୍ୟ ନିଜର ଏହି ନୂଆ ପ୍ରୋଜେକ୍ଟକୁ ନେଇ ଖୁବ ଖୁସି ଅଛନ୍ତି ।





## ଟୁଇଷ୍ଟ ଆଣିବେ ୟାମି

୨୦୨୫ରେ ରିଲିଜ ହୋଇଥିବା ଆଦିତ୍ୟ ଧରଙ୍କର ଫିଲ୍ମ ଧୁରନ୍ଧର ଖୁବ ଚର୍ଚ୍ଚାରେ ରହିଛି । ଫିଲ୍ମଟି ବ୍ଲକବଷ୍ଟର ହେବାପରେ ଦର୍ଶକ ଏହାର ଦ୍ୱିତୀୟ ଭାଗ ପାଇଁ ଡିମାଣ୍ଡ ଆରମ୍ଭ କରିଥିଲେ । ତେବେ ଏହାକୁ ମେକର୍ସ ଖୁବ ଗୁରୁତ୍ୱ ଦେଇ ଦ୍ୱିତୀୟ ଭାଗ ପାଇଁ ଏହା ଭିତରେ କାମ ଆରମ୍ଭ କରିଛନ୍ତି । ତେବେ ସିକ୍ୱେଲରେ ଟିକେ ଭିନ୍ନ କାଷ୍ଟିଂ ଦେଖିବାକୁ ମିଳିବ ଏଥିରେ ସମସ୍ତ ପୂର୍ବ କଳାକାରଙ୍କ ସହିତ ୟାମୀ ଗୌତମଙ୍କୁ ମଧ୍ୟ ଦେଖିବାକୁ ମିଳିବ । ତେବେ ୟାମୀଙ୍କୁ ଏଥିରେ କେମିଓ ଚରିତ୍ରରେ ଦେଖିବାକୁ ମିଳିବ । ମେକର୍ସ ଫିଲ୍ମକୁ ଆହୁରି ବୁଷ୍ଟ କରିବା ପାଇଁ ଏହି ପ୍ରୟାସ କରିଥିବାନେଇ ଆଲୋଚନା ହେଉଛି । ସୂଚନା ଅନୁଯାୟୀ, "ୟାମୀଙ୍କ ଭୂମିକା ଆକ୍ସନରେ ଭରପୂର ଏବଂ କାହାଣୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ । ସେ ପ୍ରାୟ ୫ ଦିନର ସୁଟିଂ ଶେଷ କରିସାରିଛନ୍ତି, ଏବଂ ଯଦିଓ ଏହା ଏକ କେମିଓ ଭୂମିକା, ତଥାପି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହା ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ପୂର୍ବରୁ ୟାମୀ ଅନେକ ବ୍ଲକବ୍ଲଷ୍ଟର ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି । ସେହିଭଳି ଧୁରନ୍ଧରରେ ତାଙ୍କ ଅଭିନୟ ମଧ୍ୟ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ସମସ୍ତେ ଆଶା ରଖିଛନ୍ତି ।



## ପସନ୍ଦ ଆସନ୍ତି ଇମତିଆଜ


ଅଦିତି ରାଓ ହାଇଦରୀ ପୁଣିଥରେ ଇମତିଆଜ କ୍ୟାମ୍ପରେ । 'ରକଷ୍ଟାର'ରେ ତାଙ୍କର ସ୍ୱଳ୍ପ ଭୂମିକା ପରେ, ଅନେକ ପ୍ରଶଂସକ ଏହି ଦୁହିଁଙ୍କୁ ଏକାଠି ଦେଖିବାକୁ ଉତ୍ସାହିତ ଥିଲେ । ଉଭୟଙ୍କୁ ପୁଣି ଫିଲ୍ମ 'ଓ ସାଥି ରେ'ରେ ଦେଖିବାକୁ ମିଳିବ । ନେଟଫ୍ଲିକ୍ସର ଏହି ପ୍ରଡକ୍ସନ୍ ଏକ ମେଟ୍ରୋ ସିଟିର ପ୍ରେମ କାହାଣୀ ଉପରେ ଆଧାରିତ । ତେବେ ନିକଟରେ ଇମତିଆଜ ଅଲୀଙ୍କ ସହ କାମ କରିବାର ଅନୁଭୂତି ବଖାଣିଛନ୍ତି ଅଦିତି । ଇମତିଆଜ୍ ହେଉଛନ୍ତି ଏମିତି ଏକ ନିର୍ଦ୍ଦେଶକ ଯାହାଙ୍କ ସହ ସେ ସବୁବେଳେ କାମ କରିବାକୁ ଚାହାନ୍ତିବୋଲି ମତ ଦେଇଛନ୍ତି । 'ରକଷ୍ଟାର' ଏବଂ 'ଓ ସାଥି ରେ' ତାଙ୍କ ସହିତ କାମ କରିବାପରେ ଇଚ୍ଛା ଅଛି ଗୋଟିଏ ସମ୍ପୂର୍ଣ୍ଣ ଫିଲ୍ମରେ ତାଙ୍କ ସହ କାମ କରିବାକୁ । ଇମତିଆଜଙ୍କ ସହିତ କାମ କରିବାଫଳରେ ଜଣେ ଅଭିନେତାଙ୍କୁ ଅନେକ କିଛି ଶିଖିବାକୁ ମିଳିବ, ଯାହାର ଫାଇଦା ସେ ଉଠାଇବାକୁ ଚାହାନ୍ତି ବୋଲି ନିଜ ମତରେ କହିଛନ୍ତି । ଆଗକୁ ତାଙ୍କୁ ଏହି ସୁଯୋଗ ନିଶ୍ଚିତ ମିଳିବ ବୋଲି ଅଦିତି ଆଶାବାଦୀ ଅଛନ୍ତି ।



## ଘୁଞ୍ଚିଲା ଟ୍ରେଲର ତାରିଖ

ସାହିଦ କପୁରଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଓ ରୋମିଓ'ର ଟ୍ରେଲର ଲଞ୍ଚ ଇଭେଣ୍ଟକୁ ସୁରକ୍ଷା ଜନିତ କାରଣରୁ ନିର୍ମାତାମାନେ ବାତିଲ କରିଦେଇଛନ୍ତି, ଯାହାକୁ ନେଇ ଏବେ ବେଶ ଚର୍ଚ୍ଚା ଚାଲିଛି । ସୂଚନା ଅନୁଯାୟୀ, ସ୍ୱର୍ଗତ ଗ୍ୟାଙ୍ଗଷ୍ଟର ହୁସେନ୍ ଉସ୍ତାରାଙ୍କ ଝିଅ ସନୋବର ଶେଖ୍ ଫିଲ୍ମ ଟିମ୍‌ଠାରୁ ୨ କୋଟି ଟଙ୍କାର ବଟି ଦାବି କରିବା ପରେ ଏହି ବଡ଼ ନିଷ୍ପତ୍ତି ନିଆଯାଇଛି । ବିଶାଳ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ସ୍ୱାଧୀନତା ପରବର୍ତ୍ତୀ ମୁମ୍ବାଇର ଅଣ୍ଡରୱାର୍ଲ୍ଡ ଏବଂ ଏକ ଜଟିଳ ପ୍ରେମ କାହାଣୀ ଉପରେ ଆଧାରିତ, ଯେଉଁଥିରେ ସାହିଦଙ୍କ ସହ ତୃପ୍ତି ଡିମ୍ରି, ବିକ୍ରାନ୍ତ ମେସି ଏବଂ ନାନା ପାଟେକରଙ୍କ ଭଳି ଦମଦାର କଳାକାର ନଜର ଆସିବେ । ଆସନ୍ତା ୨୦୨୬ ଫେବୃଆରୀ ୧୩ରେ ଫିଲ୍ମଟି ମୁକ୍ତିଲାଭ କରିବାକୁ ଥିବାବେଳେ, ଏହି ଅପ୍ରତ୍ୟାଶିତ ବିବାଦ ଯୋଗୁଁ ଦର୍ଶକଙ୍କୁ ଏବେ ଟ୍ରେଲର ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ । ତେବେ ଏହି ଖବର ଦର୍ଶକ ତଥା ସାହିଦଙ୍କ ଫ୍ୟାନଙ୍କୁ ନିରାଶ କରିଛି । ଖୁବଶୀଘ୍ର ସେମାନେ ନିଜ ପ୍ରିୟ କଳାକାରଙ୍କ ଫିଲ୍ମକୁ ପରଦାରେ ଦେଖିବାକୁ ଚାହୁଁଥିବା ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି ।





## ଏଇ ଫଗୁଣରେ

ଫଗୁଣ ଆସିଛି ବଉଳ ବାସୁଛି
ଶୁଭୁଚି କୋଇଲି ଗୀତ
କୁହୁଡ଼ି କାକର ଶୀତ ଦାଉ ନାହିଁ
ମେଲାଣି ନେଲାଣି ଶୀତ ॥
ଅପା ବାହାଘର ଏଇ ଫଗୁଣରେ
ଶାଶୂଘର ତା'ର ଦୂର
ନଈ ପାରି ହେଇ ଗଲେ ତ ପଡ଼ିବ
ସୁନ୍ଦର ସେ ପଲ୍ଲୀପୁର ॥
ହେବ ବାହାଘର ବୋଉ ତରତର
ବାପା ଲାଗିଛନ୍ତି କାମେ
ଲୁସିତ କହିଲା ବାହାଘର ବେଳେ
ଖୁସୀରେ ନାଚିବୁ ଆମେ ॥



ଫୁଲବଗିଚାରେ ପ୍ରଜାପତି ଦଳ
ହେଉଥିଲେ ପଲପଲ
ଅପା ଦେଖି ତାଙ୍କୁ ଅତୀତକୁ ଝୁରି
ଦୁଃଖେ ହେଲା କଲବଲ ॥
ଅପା ବାହାଘର କଥା ଭାବି ଶଶୀ
ଆଖିରୁ ଢାଳିଲା ଲୁହ
କହିଲା ବାପା ହେ ଅପାକୁ କରୁଛ
ସାତପର କାହିଁ କୁହ ॥
ମିଠାକଥା କହି ପାଖେ ପାଖେ ରହି
ପଢାଉଥିଲା ସେ ପାଠ
ଦେଖାଉଥିଲାତ ବଡ଼ ହେବାପାଇଁ
ଜୀବନରେ ଭଲବାଟ ॥
ଆମଠାରୁ ତାକୁ ଛଡାଇନେଇକି
ପଠାଅନା ଶାଶୂଘର
ପାଖେଥିଲେ ସିଏ ଗାଲେ ଚୁମାଦେବ
ଛାତିରେ ଜାବୁଡ଼ି ତା'ର ॥

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୭୬୮୮୨୨୧୯୦



## ଫଗୁ ଖେଳିବା ଆସ

ଅଗି ଜଳିଲା ଶୀତ ଟଳିଲା
ସରିଲା ମାଘ ମାସ,
ଫଗୁଣ ଆସି କହିଲା ହସି
ଫଗୁ ଖେଳିବା ଆସ ॥
ଶିବ ମନ୍ଦିରେ ଜାଗର ଯାତ
ଲୋକେ ଜାଳିବେ ଦୀପ ,
ଅମା ଅନ୍ଧାର ଯିବ ଦୂରେଇ
ଦୂରେଇ ଯିବ ପାପ ॥
ବଉଳ ବାସ ଆସିବ ଭାସି
ଚଉଦିଗକୁ ଛୁଇଁ,
କୋଇଲି ନାନୀ ଗାଇବ ଗୀତ
ଗଛରେ ଲୁଚି ରହି ॥
ପିଲାଙ୍କ ହାତେ ରଙ୍ଗ ଅବିର
ଖେଳିବେ ମିଳିମିଶି,
ପଲ୍ଲୀଠୁ ଦିଲ୍ଲୀ ଗାଆଁ ସହର
ଉଠିବ ପରା ହସି ॥
ଗାଆଁ ଗାଆଁରେ ଦୋଳ ମେଲଣ
ଲୋକେ ପାଳିବେ ମିଶି,
ବାଣ୍ଟିବେ ଖୁସି ରାଧା ମାଧବ
ଦୋଳ ମଣ୍ଡପେ ବସି ॥
ବରଷେ ଥରେ ଫଗୁଣ ଆସି
ଦେଇଛି ତା'ର ଛୁଆଁ,
ତା'ର ପରଶେ ଆମ ରାଇଜ
ଲାଗଇ ନୂଆ ନୂଆ ॥

**ପ୍ରଫୁଲ୍ଲ କୁମାର ସାହୁ**
ଶକ୍ତି ବିହାର, ବାଲିପଡ଼ା,
ମାହାଙ୍ଗା, କଟକ
ମୋ: ୭୬୦୯୦୪୪୩୮୩

## ଶୀତ ଯାଏ ଫେରିଫେରି

ଶୀତ ଯାଏ ଛାଡ଼ିଛାଡ଼ି
ଖରା ଆସେ ମାଡ଼ିମାଡ଼ି
ଶୀତ ଯାଉଅଛି ବସନ୍ତ ଆସୁଛି
ରସାଳ ବଉଳ ବଢ଼ିଆ ବାସୁଛି
ଆମ୍ବ ହେବ ଗାଡ଼ିଗାଡ଼ି ॥
ଦିନ ଯାଏ ବଢ଼ିବଢ଼ି
ରାତି କମେ ଘଡ଼ିଘଡ଼ି
ଉତ୍ତରା ପବନ ବିଦାୟ ନେଉଛି
ଦକ୍ଷିଣା ପବନ ଆନନ୍ଦ ଦେଉଛି
ପତ୍ର ଯାଏ ଝଡ଼ିଝଡ଼ି ॥
ଶୀତେ ଯିଏ ଥରହର
ଆଜି ବୁଲେ ଘରଘର
ଭୋଜିଭାତ କରି ସଭିଙ୍କୁ ଖୋଇବା
ରାତିରେ ଏଣିକି ଡେରିରେ ଶୋଇବା
କାହିଁ ହୁଅ ତରତର ॥
ଶୀତ ଦିନ ଯାଉଯାଉ
ଥଣ୍ଡା ଟିକେ ଥାଉଥାଉ
ଶୀତ ବସ୍ତ୍ରଙ୍କର କମଇ ଆଦର
ଅଲୋଡ଼ା ହୁଅଇ ବିଛଣା ଚାଦର
ଉଷ୍ମ ଟିକେ ପାଉପାଉ ॥
କୁହୁଡ଼ିକୁ ଡରିଡରି
ସକାଳରେ ଥରିଥରି
ପ୍ରାତଃଭ୍ରମଣରେ ଯାଏନାହିଁ ଯିଏ
ଏବେ ବାହାରଇ ରାତି ଥାଉ ସିଏ
ପଦ ଯାତ୍ରା କରିକରି ॥
ଶୀତ ଯାଏ ଫେରିଫେରି
ଶୁଣେ କାନ ଡେରିଡେରି
କିଏ କ'ଣ ତାହା ବାବଦେ କହୁଛି
ସତ କହୁଛି ନା ଗୋପନ ରହୁଛି
ଜନଗଣେ ଘେରିଘେରି ॥

**ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

## ଦୁର୍ଘଟଣା

ଅକସ୍ମାତ୍ ପହଞ୍ଚି ଯାଏ
ଜାଣି ହୁଅଇ ନାହିଁ
କିଏ ସେ କହେ ଦୁର୍ଘଟଣା
ସିଏ ସଭିଙ୍କ ପାଇଁ ॥
ସ୍ଥଳଭାଗରେ ସଡ଼କଟିରେ
ଯାନବାହନ ଯାଏ
ବେଗ ବଢ଼ିଲେ ଦୁର୍ଘଟଣା
ହେବା ଆଶଙ୍କା ଥାଏ ॥
ନିୟମ ଅଛି ସଡ଼କଟିର
ବାମରେ ଯିବା ପାଇଁ
ଗାଡ଼ିଚାଳକ ଫୋନ୍ ଧରି
ଗପେ ଯେ କେତେ କାହିଁ ॥
ଜଳପଥରେ ନାଆ, ଜାହାଜ
ଯାଏରେ ଯେବେ ବୁଡ଼ି
ଲାଗେ ଯେମିତି ଦୁର୍ଘଟଣା
ଆସିଲା କାହୁଁ ଉଡ଼ି ॥
ଆକାଶ ପଥେ
ବ୍ୟୋମଯାନର
ହୁଏ ବି ଦୁର୍ଘଟଣା
କାରଣ ତା'ର ଊଣା ଅଧିକ
ସଭିଙ୍କୁ ଥାଏ ଜଣା ॥
ଧନ ଜୀବନ ହୁଅଇ ହାନି
ସମସ୍ୟାଟିଏ ବଡ଼
ଭଲ ହୁଅନ୍ତା ଯଦି ଭାଙ୍ଗନ୍ତା
ଦୁର୍ଘଟଣାର ଗଡ଼ ॥
ଆମେରେ ଦାୟୀ ଯେ
ଏଥିପାଇଁ
ଦୁର୍ଘଟଣା ଘଟେ
ଦୁର୍ଘଟଣା ଏଡ଼େଇ ଦେବା
ଭଲକାମ ଯେ ଅଟେ ॥

**ନୀଳମଣି ଚାନ୍ଦ**
ମନ୍ତ୍ର ମାନୋର,
ଗୋଠପାଟଣା, ଭୁବନେଶ୍ୱର,
ମୋ: ୯୫୮୩୨୦୨୩୫୭



## ଦୁଃଖ

ଦୁଃଖ ମାନେ ଚିତ୍କାର ନୁହେଁ
ସେ ତ ଏକ ନୀରବ ଶ୍ୱାସ
ମନର ଭିତରେ ରହିଥିବା ଏକ
କୋହର ଅବଶେଷ ॥
ରାତିର ସୁନ୍ଦର ସ୍ୱପ୍ନ ଯେବେ ହୁଏ
ସକାଳେ ଅଦୃଶ୍ୟମାନ
ଅନ୍ଧକାର ମୋ ହାତ ଧରି କହେ
ଅଥୟ କରନା ମନ ॥
କେବେ ହସ ପଛରେ ଲୁଚିଥାଏ
ଅନେକ ଦରଦ
କେହି ଜାଣି ପାରନ୍ତି ନାହିଁ କିନ୍ତୁ
ସମ୍ଭାଳିବାକୁ ଦିଏ ଅଦ୍ଭୁତ ସାହସ ॥
ଅଶ୍ରୁ ଆସେ, ମନରେ ହୁଏ ଭାରି କଷ୍ଟ
ତଥାପି ନ ହୋଇ ଅବିଚଳିତ
ଦୁଃଖ କେବେ ଶତ୍ରୁ ନୁହେଁ
ଦେଖାଏ ନୂଆ ପଥ ॥
ଦେଖାଇ ଦିଏ ଆଲୋକର ପଥ
ମନକୁ ଶାନ୍ତ ଛୁଆଁ ଦେଇ
ଶିଖାଇ ଦିଏ ଜୀବନର ମର୍ମ
ଭାଗ୍ୟକୁ ବଦଳାଇ ॥

**ସରସ୍ୱତୀ ମେହେର**
ସିନାପାଲି, ନୂଆପଡ଼ା

# ପାରମ୍ପରିକ ପସନ୍ଦ

**୨୦୨୬ରେ ଭାରତୀୟ ଫ୍ୟାଶନ ଜଗତ ଏକ ନୂତନ ମୋଡ଼ ନେଉଥିବା ଭଳି ଦେଖିବାକୁ ମିଳୁଛି, ଯେଉଁଠାରେ ରହିଛି ପାରମ୍ପରିକ କଳାକୃତି ସହିତ ଆଧୁନିକ ଶୈଳୀର ଏକ ସୁନ୍ଦର ସମନ୍ୱୟ । ବର୍ତ୍ତମାନର ଫ୍ୟାଶନ କେବଳ ଦେଖିବାକୁ ଭଲ ନୁହେଁ, ବରଂ ଆରାମଦାୟକ ଏବଂ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କଲାଭଳି ହେଉଛି ।**





## ସ୍ଲୋ ଫ୍ୟାଶନ

ଆଜିକାଲି ପରିବେଶକୁ ସୁହାଇବା ଭଳି ଫ୍ୟାଶନ ବା ସ୍ଥାୟୀ ପୋଷାକ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଯାହାକୁ ସ୍ଲୋ ଫ୍ୟାଶନର ମାନତ୍ୟା ମଧ୍ୟ ମିଳିଛି । ଲୋକମାନେ ବର୍ତ୍ତମାନ ଖଦି, ଜୈବିକ କପା ଏବଂ ବାଉଁଶ ରେଶମ ଭଳି ହାତବୁଣା କପଡ଼ାକୁ ପସନ୍ଦ କରୁଛନ୍ତି । ଏହି ପଦକ୍ଷେପ ସ୍ଥାନୀୟ ବୁଣାକାରମାନଙ୍କୁ ସାହାଯ୍ୟ କରିବା ସହ ପରିବେଶ ପ୍ରଦୂଷଣକୁ କମ୍ କରିବାରେ ସହାୟକ ହେଉଛି । ଅନେକ ବ୍ରାଣ୍ଡ୍ ବର୍ତ୍ତମାନ ପୁରୁଣା ଶାଢ଼ୀ ବା ପୋଷାକକୁ ନୂଆ ରୂପ ଦେଇ ଆଧୁନିକ ଲେହେଙ୍ଗା ବା ଜ୍ୟାକେଟ୍ ପ୍ରସ୍ତୁତ କରୁଛନ୍ତି । ଆଜିର ଯୁବପିଢ଼ି ନିଜର ପୋଷାକ ଚୟନ ମାଧ୍ୟମରେ ପ୍ରକୃତି ପ୍ରତି ଥିବା ସମ୍ମାନକୁ ପ୍ରକାଶ କରୁଛନ୍ତି ।





## ଇଣ୍ଡୋ-ୱେଷ୍ଟର୍ଣ୍ଣ ଫ୍ୟୁଜନ

ଫ୍ୟୁଜନ ପୋଷାକ ବର୍ତ୍ତମାନ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି, ଯେଉଁଥିରେ ଭାରତୀୟ ଶୈଳୀ ସହ ପାଶ୍ଚାତ୍ୟ ଡିଜାଇନର ମିଶ୍ରଣ ଦେଖିବାକୁ ମିଳୁଛି । ବିଶେଷ କରି ବଡ଼ ସାର୍ଟ ଏବଂ କାଫତାନ ଶୈଳୀର ଡ୍ରେସକୁ ଲୋକେ ଆରାମ ପାଇଁ ବେଶୀ ପସନ୍ଦ କରୁଛନ୍ତି । ପାରମ୍ପରିକ ପ୍ରିଣ୍ଟ୍ ଥିବା କ୍ରପ୍-ଟପ୍ ସହ ଲେହେଙ୍ଗା ପିନ୍ଧିବା କିମ୍ବା ସିଲ୍କ କୁର୍ତ୍ତା ସହ ଜିନ୍ସ ପିନ୍ଧିବା ଏବେ ଏକ ନୂଆ ଟ୍ରେଣ୍ଡ ପାଲଟିଛି । ଏହି ଶୈଳୀ ଅଫିସ୍ ଏବଂ ପାର୍ଟି ଉଭୟ ସ୍ଥାନ ପାଇଁ ଉପଯୁକ୍ତ ହୋଇଥାଏ ।

## ଟ୍ରାଡିସନାଲ କ୍ଲାସିକ୍

ଶାଢ଼ୀ ଏବଂ ଅନାରକଲି ଭଳି ପାରମ୍ପରିକ ପୋଷାକଗୁଡ଼ିକ ଏବେ ନୂଆ ଡିଜାଇନରେ ଉପଲବ୍ଧ ହେଉଛି । ଯୁବପିଢ଼ିଙ୍କ ପାଇଁ "ରେଡି-ଟୁ-ୱେୟାର" ବା ପୂର୍ବରୁ ସିଲେଇ ହୋଇଥିବା ଶାଢ଼ୀ ବହୁତ ଲୋକପ୍ରିୟ ହେଉଛି, ଯାହା ପିନ୍ଧିବା ଅତି ସହଜ । ଆଜିକାଲି ଲେହେଙ୍ଗାରେ ଅଧିକ ଚମକ ବଦଳରେ ସୁନ୍ଦର ଭାଙ୍ଗ ବା ପ୍ଲିଟ୍ସର ବ୍ୟବହାର କରି ଏହାକୁ ଏକ କଳାତ୍ମକ ରୂପ ଦିଆଯାଉଛି । ଶାଢ଼ୀ ସହିତ ବେଲ୍ଟ ଏବଂ କୋର୍ସେଟ୍ ଶୈଳୀର ବ୍ଲାଉଜ୍ ଏବେକାର ଫ୍ୟାଶନକୁ ଏକ ସ୍ମାର୍ଟ ଲୁକ୍ ଦେଉଛି । ଏହି ନୂତନ ପରିବର୍ତ୍ତନଗୁଡ଼ିକ ପାରମ୍ପରିକ ପୋଷାକକୁ ଆଧୁନିକ ଜୀବନଶୈଳୀ ସହ ଖାପ ଖୁଆଇବାରେ ସାହାଯ୍ୟ କରୁଛି ।



## ଡିଜିଟାଲ୍ ପ୍ରିଣ୍ଟ୍

୨୦୨୬ ମସିହାରେ ପୋଷାକର ରଙ୍ଗରେ ଏକ ନିଆରା ପରିବର୍ତ୍ତନ ଦେଖାଯାଇଛି, ଯେଉଁଥିରେ ହାଲୁକା ଏବଂ ଗାଢ଼ ରଙ୍ଗର ମିଶ୍ରଣ ରହିଛି । କେତେକ ଲୋକ ହାଲୁକା ଧଳା ବା ସେଜ୍ ଗ୍ରୀନ୍ ପସନ୍ଦ କରୁଥିବା ବେଳେ ଅନ୍ୟମାନେ ଗାଢ଼ ପିଙ୍କ୍ ଏବଂ ମେଟାଲିକ୍ ରଙ୍ଗକୁ ଆପଣାଉଛନ୍ତି । ମଧୁବନୀ ଏବଂ ବାନ୍ଧଣୀ ଭଳି ପାରମ୍ପରିକ କଳାକୁ ବର୍ତ୍ତମାନ ଡିଜିଟାଲ୍ ପ୍ରିଣ୍ଟ୍ ମାଧ୍ୟମରେ କପଡ଼ାରେ ସୂକ୍ଷ୍ମ ଭାବେ ଫୁଟାଇ ଦିଆଯାଉଛି । ଏହି ଗାଢ଼ ଏବଂ ସୁନ୍ଦର ପ୍ରିଣ୍ଟଗୁଡ଼ିକ ଆଜିର ଭାରତୀୟ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ପ୍ରକାଶ କରୁଛି ।

# ଲୋଭୀ ବାଘ



ଏହି ତାଲିକାରେ ଅନେକ ଗପ ସାମିଲ ଅଛି । ସେଥିରେ ପ୍ରାୟତଃ ଗଳ୍ପରେ ପଶୁ ପକ୍ଷୀଙ୍କର ଉଦାହରଣ ଦେଇ ଜୀବନର ରହସ୍ୟ ବୁଝାଯାଇଥାଏ । ସେହିଭଳି ଏକ ଗପ ହେଲା ଲୋଭି ବାଘ । କିଭଳି ଆମ ଜୀବନରେ ଲୋଭ ଖୁବ ହାନିକାରକ । ଏହା ସବୁବେଳେ ଜୀବନରେ ସମସ୍ତଙ୍କୁ ଅସୁବିଧାରେ ପକାଇଥାଏ ତାହା ଏହି ଗପରେ ବୁଝା ଯାଇଛି । ସେହିଭଳି ଏକ କାହାଣୀ ସମ୍ପର୍କରେ ଆସନ୍ତୁ ଜାଣିବା । ଏକଦା ଗୋଟିଏ ଜଙ୍ଗଲରେ ବାଘଟିଏ ରହୁଥାଏ । ବାଘଟି ଅଳସୁଆ କାରଣରୁ ଶିକାରକୁ ଯାଇ ନଥାଏ । ସବୁବେଳେ ଘରେ ବସିବସି କିଭଳି ନିଜର ଖାଇବା ଯୋଗାଡ କରିବ ସେଇ ଚିନ୍ତାରେ ରହିଥାଏ । ସବୁବେଳେ ଅନ୍ୟମାନଙ୍କୁ ଠକିବା ମୁଡରେ ସେ ରହିଥାଏ । କିଭଳି ଅନ୍ୟଙ୍କୁ

**ଆଇ ମା କାହାଣୀ ପେଡିରେ ଏଭଳି ଅନେକ ଗପଥାଏ ଯାହା ସମାଜକୁ ଅନେକ ଶିକ୍ଷା ପ୍ରଦାନ କରିଥାଏ । ଛୋଟଛୋଟ ପିଲାମାନେ ସମସ୍ତେ ଏହି ଗପରୁ ବହୁତ ଶିକ୍ଷା ପାଇଥାଆନ୍ତି । ଏହିଭଳି ଗପ ଶୁଣିଶୁଣି ସେମାନେ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ସମ୍ପର୍କରେ ଶିକ୍ଷା କରିଥାଆନ୍ତି ।**

ଧୋକା ଦେଇ ନିଜ କାମ ହାସଲ କରିହେବ ସେହି ବୁଦ୍ଧି ସବୁବେଳେ ବାଘ ଭାବୁଥାଏ । ଏହିପରି ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ପଶୁଙ୍କୁ ପାଖକୁ ଡାକି ଧୋକାରେ ସେ ମାରି ଖାଏ । ତେବେ ଏହିଭଳି କିଛିଦିନ ଯିବାପରେ ତା'ର ଠକାମି ସମ୍ପର୍କରେ ସମସ୍ତ ପଶୁ ଜାଣିଗଲେ ତେଣୁ ସମସ୍ତେ ତାଠାରୁ ଦୂରରେ ରହିଲେ ।

କିଛି ଦିନ ଗୁମ୍ଫାରେ ଭୋକରେ ରହିବା ପରେ ସେ ବାହାରକୁ ବାହାରିଲା । ଦେଖିଲା ଗୋଟିଏ ସ୍ଥାନରେ ହେଟାବାଘମାନେ ଗୋଟିଏ ହରିଣକୁ ମାରିଛନ୍ତି, ହେଲେ ଖାଇ ନାହାନ୍ତି । ବାଘଟି ଉପାୟ ବାହାର କରି ସେମାନଙ୍କ ଖାଦ୍ୟକୁ ଗଛ ଉପରେ ଜଗି ରହିବ ବୋଲି କହିଲା । ସେମାନେ ଆଉ ଏକ ଶିକାର କରିବା ପର୍ଯ୍ୟନ୍ତ ବାଘଟି ଗଛ ଉପରେ ମଲା ହରିଣଟିକୁ ଜଗିବ ବୋଲି କହି ସେମାନଙ୍କୁ ଜଙ୍ଗଲ ଭିତରକୁ ଛାଡିଦେଲା । ହେଲେ ଏହାପରେ ସେ ମଦୀ କୂଳରେ ଥିବା ଗଛ ଉପରେ ବସି ହରିଣକୁ ଖାଇବାକୁ ଲାଗିଲା । ଅଧା ଖିଆରେ ଜୋରରେ ପବନ ହେଲା ଏବଂ ହରିଣଟି ପାଣି ଭିତରକୁ ପଡିଗଲା । ଏହାଦେଖି ବାଘ ନଦୀକୂଳରେ କାନ୍ଦିବାକୁ ଲାଗିଲା । ତା'ର କାନ୍ଦ ଦେଖି ବରୁଣ ଦେବଙ୍କୁ ଦୁଃଖ ଲାଗିଲା । ସେ ବାଘ ଆଗରେ ପ୍ରକଟହୋଇ ତାକୁ କାନ୍ଦିବାର କାରଣ ପଚାରିଲେ । ବାଘ ମିଛରେ କହିଲା ମୁଁ ଏତେ ପରିଶ୍ରମ କରି ହରିଣ ଶିକାର କରିଥିଲି ହେଲେ ମୋର ଖାଇବା ପାଣିରେ ପଡ଼ିଗଲା । ଏହାପରେ ବରୁଣ ଦେବ ତାକୁ ତା'ର ହରିଣ ଫେରାଇଦେଇଥିଲେ, ଏବଂ ଏହାସହିତ ଆହୁରି ଅନ୍ୟ ଖାଦ୍ୟ ମଧ ଦେଇଥିଲେ । ଏହାପରେ ବାଘ ସିଧା ଗୁମ୍ଫାକୁ ଚାଲିଗଲା । ଏହାପରଦିନ ହେଟାବାଘ ଫେରି ଦେଖନ୍ତି ବାଘ ନାହିଁ କି ତାଙ୍କର ଶିକାର ନାହିଁ । ସେମାନେ ସେଠାରେ ଜଗି ବସିଲେ । ବାଘଟି ପୂନର୍ବାର ସେଦିନ ସେହି ଗଛ ପାଖକୁ ଆସି ସେହିଭଳି ଗୋଟିଏ ହରିଣ ଧରି ଗଛ ଉପରକୁ ଉଠିଗଲା । ଏବଂ କିଛି ସମୟ ପରେ ସେ ଅଧା ହରିଣ ମାଂସକୁ ଜାଣିଜାଣି ପାଣିକୁ ପକାଇ ଦେଲା ଏବଂ ବସି କାନ୍ଦିଲା । ଏହାପରେ ବରୁଣ ଦେବ ପୁଣି ପ୍ରକଟ ହୋଇ ତାକୁ ଆହୁରି ଖାଦ୍ୟ ଦେଲେ । ଏହା ଦେଖି ହେଟା ବାଘଙ୍କର ରାଗ ବଢିଲା । ବାଘଟି ନଦୀ କୂଳରୁ ଯିବାପରେ ସେମାନେ ବରୁଣ ଦେବଙ୍କୁ ସମସ୍ତ କଥା ପ୍ରକାଶ କରିଲେ । ଏହାପରେ ବରୁଣ ଦେବ ବାଘଟିକୁ ବୁଦ୍ଧି ଶିଖାଇବାକୁ ଚିନ୍ତା କଲେ । ପରଦିନ ବାଘ ଠିକ୍ ପୂର୍ବଦିନ ଭଳି କାମ କଲା । ଯେତେବେଳେ ବରୁଣ ଦେବଙ୍କୁ ସେ ଖାଦ୍ୟ ମାଗିଲା, ସେତେବେଳେ ବରୁଣ ଦେବ କହିଲେ ମୁଁ ତୋତେ ଏଭଳି ଏକ ଜୀବ ଦେବି ଯେ ତୁ ଜୀବନସାରା ଖାଇବୁ । ବରୁଣ ଦେବଙ୍କ ପାଟିରୁ କଥା ସରିନି ଏକ କୁମ୍ଭୀର ବାଘକୁ ଆକ୍ରମଣ କରିଲା । କୁମ୍ଭୀରର ଆକ୍ରମଣରେ ବାଘର ଜୀବନ ଗଲା, ଏହାପରେ ହେଟାବାଘମାନେ ମନଭରି ତାର ମାଂସକୁ ଭକ୍ଷଣ କଲେ । ତେଣୁ ଅତି ଲୋଭରୁ ମୃତ୍ୟୁ ହୋଇଥାଏ ବୋଲି ଏହି ଗପ ସୂଚାଇଥାଏ ।






ଅନେକ ସମୟରେ ଏଭଳି କିଛି ଉଦ୍ଭାବନ ହୋଇଥାଏ, ଯାହା ଆମ ଜୀବନଶୈଳୀକୁ ସହଜ ଓ ସରଳ କରିଥାଏ । ଆସନ୍ତୁ ସେହିଭଳି ଏକ ଉଦ୍ଭାବନ ସମ୍ପର୍କରେ ଜାଣିବା ଯାହା ଆମକୁ ମହାକାଶ କ୍ଷେତ୍ରରେ ସାହାଯ୍ୟ କରିବ ।

# ଦେଶୀୟ ଟେଲିସ୍କୋପ

ଜୀ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତର ସ୍ୱଦେଶୀ ଜ୍ଞାନକୌଶଳକୁ ନେଇ ଅନେକ ଉଦ୍ଭାବନ ହୋଇଥାଏ । ଏହି କ୍ରମରେ ହାଇଦ୍ରାବାଦର ତିନିଜଣ ପ୍ରଭାବଶାଳୀ ଇଞ୍ଜିନିୟର ସଞ୍ଜୟ କୁମାର, ମନୋଜ କୁମାର ଗଦ୍ଦାମ ଏବଂ ପୁନିତ ବଡେକା, ମହାକାଶରେ ଭାରତର ନିଜସ୍ୱ 'ଚକ୍ଷୁ' ବା ସୂକ୍ଷ୍ମ ଇଲେକ୍ଟ୍ରୋ-ଅପ୍ଟିକାଲ୍ ପେଲୋଡ୍ ନିର୍ମାଣ କରି ଏକ ଐତିହାସିକ ସଫଳତା ହାସଲ କରିଛନ୍ତି । ନିର୍ମଳ ରାତ୍ରି ଆକାଶରେ ଅଦୃଶ୍ୟ ଭାବେ ଗତି କରୁଥିବା ସାଟେଲାଇଟ୍‌ଗୁଡ଼ିକ ଯେଉଁ ଫଟୋ ଉଠାଇଥାଆନ୍ତି, ତାହା ବନ୍ୟା ପୂର୍ବରୁ ସତର୍କ ସୂଚନା ଦେବା, ଚାଷୀଙ୍କୁ ଜଳସେଚନ ପାଇଁ ମାର୍ଗଦର୍ଶନ କରିବା ଏବଂ ପ୍ରାକୃତିକ ବିପତ୍ତି ସମୟରେ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥାଏ । ହେଲେ ଦୀର୍ଘ ବର୍ଷ ଧରି ଭାରତ ଉପଗ୍ରହ ପ୍ରକ୍ଷେପଣରେ ପାରଦର୍ଶିତା ଲାଭ କରିଥିଲେ ହେଁ ଏହି ଚିତ୍ର ଉତ୍ତୋଳନ କରୁଥିବା ମୁଖ୍ୟ ସେନ୍ସରଗୁଡ଼ିକ ପାଇଁ ବିଦେଶୀ ରାଷ୍ଟ୍ର ଉପରେ ନିର୍ଭର କରୁଥିଲା । ୨୦୨୧ରେ କୋଭିଡ୍ ଲକଡାଉନ୍ ସମୟରେ ଏହି ଉଦ୍ଭାବନର ମୂଳଦୁଆ ପଡିଥିଲା ।

ଏହି ତିନିଜଣ ଇଞ୍ଜିନିୟର ଅନୁଭବ କଲେ ଯେ ଯେଉଁ ସୂକ୍ଷ୍ମ ପ୍ରଯୁକ୍ତି ମଣିଷର ଦୃଷ୍ଟିଶକ୍ତି ଫେରାଇ ଆଣିପାରୁଛି, ତାହା ଦ୍ୱାରା ପୃଥିବୀକୁ ପର୍ଯ୍ୟବେକ୍ଷଣ କରୁଥିବା ଟେଲିସ୍କୋପ୍ ମଧ୍ୟ ନିର୍ମାଣ କରାଯାଇପାରିବ । ଏହି ସଂକଳ୍ପରୁ ଜନ୍ମ ନେଇଥିଲା 'ଇଓଏନ୍ ସ୍ପେସ ଲାବ', ଯେଉଁଠାରେ ସେମାନେ 'ମୋନୋଲିଥିକ୍







ଅପ୍ଟିକ୍ସ' ବ୍ୟବହାର କରି 'ଏମ୍‌ଆରଆଇଏ ୫୦ ଏଫଏସ' ନାମକ ଏକ କମ୍ପାକ୍ଟ ମହାକାଶ ଟେଲିସ୍କୋପ୍ ବିକଶିତ କରିଛନ୍ତି । ଏହି ଟେଲିସ୍କୋପ୍‌ର ଓଜନ ମାତ୍ର ୫୦୨ ଗ୍ରାମ ହୋଇଥିବା ବେଳେ ଏହା ଇନଫ୍ରାରେଡ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଘୋର କୁହୁଡ଼ି, ଧୂଆଁ ଏବଂ ରାତିର ଅନ୍ଧକାର ମଧ୍ୟରେ ମଧ୍ୟ ସ୍ପଷ୍ଟ ଭାବେ ୨ କିଲୋମିଟର ଦୂରରୁ ଡ୍ରୋନ୍ ଏବଂ ୧୧ କିଲୋମିଟର ଦୂରରୁ ସମୁଦ୍ରରେ ଜାହାଜ ଚିହ୍ନଟ କରିପାରୁଛି । ଏହି ଉପକରଣର ୯୦ ପ୍ରତିଶତରୁ ଅଧିକ ଅଂଶ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି, ଯାହା ଭାରତର ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ନଜର ରଖିବା ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହେବ । ଇଓଏନର ସିଷ୍ଟମଗୁଡ଼ିକ ଉନ୍ନତମାନର କ୍ୟାମେରା ଭଳି କାର୍ଯ୍ୟ କରିଥାଏ । ଏହା ଅତି ସୂକ୍ଷ୍ମ ଚିତ୍ର ଉତ୍ତୋଳନ କରୁଥିବା ବେଳେ, ଇନଫ୍ରାରେଡ୍ ପ୍ରଯୁକ୍ତି ମାଧ୍ୟମରେ ଏହା ଉତ୍ତାପକୁ ଚିହ୍ନଟ କରିପାରେ, ଯାହାଫଳରେ ଏହା ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ବି ସ୍ପଷ୍ଟ ଦେଖିବାରେ ସକ୍ଷମ ହୁଏ । ଏହାକୁ ବିଶେଷଭାବେ ମହାକାଶର କକ୍ଷପଥରୁ ଜାହାଜଗୁଡ଼ିକୁ ଟ୍ରାକ୍ କରିବାସହ, ଫସଲ ଏବଂ ଜଙ୍ଗଲ ଉପରେ ନଜର ରଖିବାନେଇ ପ୍ରସ୍ତୁତ କରାଯାଇଛି । ଏହି ଷ୍ଟାର୍ଟଅପ୍ ସଂସ୍ଥାଟି ନିଜର କ୍ଷୁଦ୍ର ଓ ହାଲୁକା ଅପ୍ଟିକାଲ୍ ଟେକ୍ନୋଲୋଜିକୁ ନୂତନ ପୃଥିବୀ-ପର୍ଯ୍ୟବେକ୍ଷଣ ସାଟେଲାଇଟ୍ ସହିତ ସଂଯୋଗ କରି ବିଭିନ୍ନ ସମସ୍ୟାର ସମାଧାନ କରିବ ବୋଲି କମ୍ପାନୀ ଦାବି କରିଛି ।

ଏଥିରେ ଏଆଇ ଜ୍ଞାନକୌଶଳକୁ ବ୍ୟବହାର କରାଯାଇ ଏହାକୁ ଖୁବ ଶକ୍ତିଶାଳୀ କରାଯାଇଛି । ଏହା ଆଗକୁ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଲଟିବ ବୋଲି କମ୍ପାନୀ ମତ ଦେଇଛି ।








# ପାଣିରେ ପଡ଼ିବ ୪୫୦୦୦ କୋଟି

ଆଧୁନିକ କ୍ରିକେଟ ଅର୍ଥନୀତିରେ କିଛି ମ୍ୟାଚ୍ ଟ୍ରଫିଠାରୁ ମଧ୍ୟ ଅଧିକ ମୂଲ୍ୟ ବହନ କରେ । ଭାରତ ବନାମ ପାକିସ୍ତାନ ଟି-୨୦ ବିଶ୍ୱକପ ମ୍ୟାଚ୍ କେବଳ ଗୋଟିଏ ସାଧାରଣ ଲଢ଼େଇ ନୁହେଁ । ଏହା ଟୁର୍ଣ୍ଣାମେଣ୍ଟର ବ୍ୟାଙ୍କ ବାଲାନ୍ସ, ବ୍ରଡକାଷ୍ଟ ମୂଲ୍ୟାଙ୍କନ ଓ କ୍ରିକେଟ ବୋର୍ଡକୁ ଅଧିକ ଲାଭ ଦେଉଥିବା ଗୋଟିଏ ମ୍ୟାଚ୍ । ଏପରି ସ୍ଥିତିରେ ପାକିସ୍ତାନ ସରକାର ବିଶ୍ୱକପରେ ନିଜ ଦଳର ଅଂଶଗ୍ରହଣକୁ ଅନୁମତି ଦେଇଥିବା ବେଳେ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ମନା କରି ଦେଇଛନ୍ତି । ଏହି ନିଷ୍ପତ୍ତି ପରେ ଆଇସିସି ବେଶ ସତର୍କତାର ସହ ପ୍ରେସ ରିଲିଜ ଜାରି କରିଛି ଓ ଚେତାବନୀ ସମ୍ପର୍କରେ ଚିନ୍ତା କରୁଛି ।

## ୫୦୦ ମିଲିୟନ ଡଲାରର ଖେଳ

ଭାରତ-ପାକିସ୍ତାନ ଟି-୨୦ ଲଢ଼େଇର ମୂଲ୍ୟ ପ୍ରାୟ ୫୦୦ ନିୟୁତ ଡଲାର ବା ୪୫୦୦ କୋଟି ଟଙ୍କା । ପ୍ରସାରଣ ଅଧିକାର, ବିଜ୍ଞାପନ ପ୍ରିମିୟମ, ପ୍ରାୟୋଜକ ସଂସ୍ଥା, ଟିକେଟ ଓ ଆଇନଗତ ବେଟିଂ ଆଦିକୁ ମିଶାଇଲେ ୪୫୦୦ କୋଟି ଟଙ୍କା ହେବ । ଭାରତ-ପାକିସ୍ତାନ ମ୍ୟାଚକୁ ଛାଡ଼ି ଦେଲ କୌଣସି ଗୋଟିଏ ହେଲେ ବି କ୍ରିକେଟ ମ୍ୟାଚର ଦାମ ଏହାର ନିକଟବର୍ତ୍ତୀ ନୁହନ୍ତି । ପ୍ରସାରଣ ସଂସ୍ଥା ପାଇଁ ଏହି ମ୍ୟାଚ୍ ରନି ଖଚିତ ମୁକୁଟ । ଭାରତ-ପାକିସ୍ତାନ ଟି-୨୦ ମ୍ୟାଚରେ ୧୦ ସେକେଣ୍ଡର ବିଜ୍ଞାପନର ଦାମ ୨୫ରୁ ୪୦ ଲକ୍ଷ । ଯଦି ଟୁର୍ଣ୍ଣାମେଣ୍ଟରୁ ଏହି ମ୍ୟାଚକୁ ହଟାଇ ଦିଆଯିବ, ତା'ହେଲେ ପୂରା ବିଶ୍ୱକପର ଅର୍ଥନୀତି ଢାଞ୍ଚା ବଦଳି ଯିବ ।

## କିଏ ସହିବ, କେତେ କ୍ଷତି ?

**ପ୍ରସାରଣ ସଂସ୍ଥା:** ପ୍ରସାରଣ ଅଧିକାର ପାଇଥିବା ସଂସ୍ଥା ହିଁ ପ୍ରଥମେ ମ୍ୟାଚ୍ ନ ହେଲେ କ୍ଷତି ସହିବ । କେବଳ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ବିଜ୍ଞାପନ ରାଜସ୍ୱ ୩୦୦ କୋଟି ଆକଳନ କରାଯାଇଛି । ଏଥିପାଇଁ ପ୍ରସାରଣକାରୀ ସଂସ୍ଥା ଅଧିକାର ହାସଲ କରିବାକୁ ମୋଟ ଅଙ୍କର ଟଙ୍କା ଦିଅନ୍ତି । ଚୁକ୍ତି ମଝିରେ ଗୋଟିଏ ବଡ଼ ମୁକାବିଲା ବାଦ ପଡ଼ିବା ଛୋଟ କଥା ନୁହେଁ, ଏହା ମୂଲ୍ୟର ଅବମାନନା । ପୂର୍ବରୁ ହିଁ ପ୍ରସାରଣ ଅଧିକାର ପାଇଥିବା ଜିଓ-ଷ୍ଟାର କ୍ଷତି ପାଇଁ ଆଇସିସିକୁ କ୍ଷତି ପୂରଣ ମାଗିଛି । ଏବେ ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ସଂସ୍ଥା ଆହୁରି ସମସ୍ୟାରେ ପଡ଼ିବ । ପ୍ରତିଟି ବିଶ୍ୱକପ ମ୍ୟାଚର ମୂଲ୍ୟ ୧୩୮.୭ କୋଟି ରହିଛି ।

**ହିତାଧିକାରୀଙ୍କୁ ଶକ୍ତ ଝଟକା:** ପ୍ରସାରଣକାରୀ ସଂସ୍ଥା ନିଜର ଟଙ୍କା ଫେରସ୍ତ ମାଗିବା ପରେ ଆଇସିସି ନିଶ୍ଚିତ ଭାବେ ଏହାର ପରିଣାମ ଭୋଗିବାକୁ ପଡ଼ିବ । ଏହାର ପ୍ରଭାବ ମଧ୍ୟ ବିଭିନ୍ନ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସାମ୍ନା କରିବେ । କେନ୍ଦ୍ରୀୟ ରାଜସ୍ୱ ହ୍ରାସ ପାଇବା ଅର୍ଥ ସଦସ୍ୟ ବୋର୍ଡକୁ ମିଳିବାକୁ ମିଳିବାକୁ ଥିବା ଅନୁଦାନ ମଧ୍ୟ କମିବ । କେବଳ ଭାରତ ଓ ପାକିସ୍ତାନ ନୁହନ୍ତି, ସହଯୋଗୀ ଓ ଛୋଟ ପୂର୍ଣ୍ଣ ସଦସ୍ୟ ଦେଶ ଗୁଡ଼ିକ ଭାଗ ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇବ ।

**ଭାରତ ଓ ପାକିସ୍ତାନ:** ଯଦି ମ୍ୟାଚ୍ ନ ହେବ, ତା'ହେଲେ ଭାରତ ଓ ପାକିସ୍ତାନ କ୍ରିକେଟ ବୋର୍ଡ ତୁରନ୍ତ ୨୦୦ କୋଟି ଟଙ୍କାର ପ୍ରତ୍ୟେକ୍ଷ ଓ ପରୋକ୍ଷ ରାଜସ୍ୱ କ୍ଷତି ସହିବେ । ଭାରତ ପାଇଁ ଏହା ଯନ୍ତ୍ରଣା ଦାୟକ, କିନ୍ତୁ ବିସିସିଆଇକୁ ଏହାକୁ ମ୍ୟାନେଜ କରିନେବ । ପାକିସ୍ତାନର ଅସ୍ତିତ୍ୱ ଉପରେ ଏହାର ପ୍ରଭାବ ପକାଇବ । ପାକିସ୍ତାନ କ୍ରିକେଟ ବୋର୍ଡ

**ପାକିସ୍ତାନ ସରକାର ଟି୨୦ ବିଶ୍ୱକପରେ ଭାରତ ବିପକ୍ଷରେ ମ୍ୟାଚ ନ ଖେଳିବାର ନିଷ୍ପତ୍ତି ନେବା ପରେ ବିଶ୍ୱ କ୍ରିକେଟକୁ ଏକ ଝଟକା ଲାଗିଛି । ଆଇସିସି ଆଶା କରିଛି ଯେ ପିସିବି ନିଶ୍ଚିତ ଭାବେ ମ୍ୟାଚର ମହତ୍ୱକୁ ବୁଝିବ ଓ ନିଜ ଦେଶର କ୍ରିକେଟ ଉପରେ ଏହାଦ୍ୱାରା ପଡ଼ିବାକୁ ଯାଉଥିବା ଦୀର୍ଘକାଳୀନ ପରିଣାମ କଥା ଚିନ୍ତା କରିବ । ଏପରି ନିଷ୍ପତ୍ତି ବିଶ୍ୱ କ୍ରିକେଟ ଇକୋସିଷ୍ଟମ ଉପରେ ପଡ଼ିବା ସହ ପାକିସ୍ତାନ ମଧ୍ୟ ଏହାର ଅଂଶୀଦାର ହେବ ବୋଲି ଆଇସିସି କହିଛି ।**

ଆଇସିସିଠାରୁ ମୋଟ ରାଜସ୍ୱରୁ ୫.୭୫% ଟଙ୍କା ପାଇଥାଏ । ବାର୍ଷିକ ପ୍ରାୟ ୩୪.୫୧ ଡଲାର ପାକିସ୍ତାନକୁ ଦିଏ ଆଇସିସି । ଏହି ଟଙ୍କା ଅନୁପାଳନ, ବିଶ୍ୱସନୀୟତା ଓ ସହଭାଗିତା ଉପରେ ନିର୍ଭର କରେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱେଚ୍ଛାକୃତ ଓହରିବା ଅପ୍ରତ୍ୟାଶିତ ସ୍ଥିତି ମଧ୍ୟରେ ଆସୁନାହିଁ । ତେଣୁ ଆଇସିସି ନିଜର କ୍ଷତିକୁ ପାକିସ୍ତାନଠାରୁ ଆଦାୟ କରିପାରେ । ଏଥିସହ ପାକିସ୍ତାନକୁ ତା'ର ବାର୍ଷିକ ଭାଗ ମଧ୍ୟ ଦେବ ନାହିଁ ।




# ଟ୍ରଫି ଜିତିନି ଆୟୋଜକ ଟିମ୍

ଟି୨୦ ବିଶ୍ୱକପ୍ ୨୦୨୬ ବିଗୁଲ ବାଜି ସାରିଛି । କପ୍ ପାଇଁ ଲଢୁଛନ୍ତି ମୋଟ ୨୦ଟି ଦଳ । ଭାରତ ଏବଂ ଶ୍ରୀଲଙ୍କା ଏକାଠି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛନ୍ତି । ତୃତୀୟ ଥର ପାଇଁ କପ୍ ହାତେଇବାକୁ ଚେଷ୍ଟା କରିବ ଡିଫେଣ୍ଡିଂ ଚାମ୍ପିଅନ ଭାରତ । ଟି-୨୦ ବିଶ୍ୱକପ ଇତିହାସରେ କୌଣସି ଦଳ ଲଗାତାର କପ୍ ଜିତିନାହିଁ । ୨୦୦୭ରୁ ଆରମ୍ଭ ହୋଇଥିବା ଟି-୨୦ ବିଶ୍ୱକପ ଦଶମ ସଂସ୍କରଣ ଲାଗି ସବୁ ଦଳ ତୟାର । ଭାରତ ଏବେ ଦମଦାର ଫର୍ମରେ ଥିବା ବେଳେ, ବାକି ଦଳ ମଧ୍ୟ କପ୍ ନେବାକୁ ଉତ୍ସୁକ । ଏପର୍ଯ୍ୟନ୍ତ ବିଶ୍ୱର କେବଳ ତିନୋଟି ଦଳ ଦୁଇଥର ଟି-୨୦ ବିଶ୍ୱକପ୍ ଜିତିଛନ୍ତି । କିନ୍ତୁ ଘରୋଇ ଗ୍ରାଉଣ୍ଡରେ କୌଣସି ଦଳ ଜିତିନାହାନ୍ତି ଟ୍ରଫି ।

ଟିମ୍ ଇଣ୍ଡିଆ ଏଥର ଯଦି ଚାମ୍ପିଅନ୍ ହେବାରେ ସଫଳ ହୁଏ, ତେବେ ଭାରତ ସର୍ବାଧିକ ଥର ବିଜୟୀ ହେବାର ସୌଭାଗ୍ୟ ଅର୍ଜନ କରିବ । ପ୍ରଥମ ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତିଥିଲା ଭାରତ । ୨୦୦୭ରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ର ପ୍ରଥମ ସଂସ୍କରଣରେ, ଭାରତୀୟ ଦଳ ଏକ ରୋମାଞ୍ଚକର ଫାଇନାଲରେ ପାକିସ୍ତାନକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା । ମହେନ୍ଦ୍ର ସିଂହ ଧୋନିଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ ଜିତିଥିଲା ଏହି ଟାଇଟଲ୍ । ୨୦୦୯ରେ ପାକିସ୍ତାନ ଟି-୨୦ ବିଶ୍ୱକପ୍ ଜିତିଥିଲା । ଦୀର୍ଘ ଅପେକ୍ଷା ପରେ ୨୦୨୪ରେ ରୋହିତ ଶର୍ମାଙ୍କ ଅଧିନାୟିକତ୍ୱରେ କପ୍ ଜିତିଥିଲା ଭାରତୀୟ ଟିମ୍ ।

ସେପଟେ ଟି-୨୦ ବିଶ୍ୱକପକୁ ନେଇ ଉତ୍ସାହ ଯେତିକି, ଆଶଙ୍କା ମଧ୍ୟ ସେତିକି । ଯେଉଁ ଦେଶ ଟି-୨୦ ବିଶ୍ୱକପ୍ ଆୟୋଜନ କରେ, ସେହି ଦଳ ଟ୍ରଫି ଜିତିପାରେ ନାହିଁ । ଯେମିତିକି ଭାରତ, ଦୁଇ ଥର ଟାଇଟଲ୍ ବିଦେଶ ମାଟିରେ ଜିତିଛି । ପ୍ରଥମେ ୨୦୦୭ରେ ଜୋହାନ୍ସବର୍ଗରେ ଟାଇଟଲ ଜିତିଥିଲା ଭାରତ । ସେବେ ଆୟୋଜକ ଥିଲା ଦକ୍ଷିଣ ଆଫ୍ରିକା । ସେହିଭଳି ୨୦୨୪ରେ ୱେଷ୍ଟଇଣ୍ଡିଜରେ ଟ୍ରଫି କବଜା କରିଥିଲା ରୋହିତ ସେନା । ସେତେବେଳେ ବିଶ୍ୱକପ ଆୟୋଜକ ଥିଲେ ଆମେରିକା ଏବଂ ୱେଷ୍ଟ ଇଣ୍ଡିଜ୍ । ଏମିତି ଅଜବ ସଂଯୋଗ ସବୁ ଟିମ୍ ସହିତ ଘଟିଛି । ଆୟୋଜକ ଦେଶ କେବେ ଜିତିପାରିନି ଟ୍ରଫି ।




୨୦୧୬ରେ ଟି-୨୦ ବିଶ୍ୱକପର ଆୟୋଜକ ଥିଲା ଭାରତ କିନ୍ତୁ ଚାମ୍ପିଅନ ହୋଇଥିଲା ୱେଷ୍ଟ ଇଣ୍ଡିଜ୍ । ୨୦୦୭ ରେ ଦକ୍ଷିଣ ଆଫ୍ରିକା, ୨୦୦୯ ରେ ଇଂଲଣ୍ଡ, ୨୦୧୦ରେ ୱେଷ୍ଟ ଇଣ୍ଡିଜ୍ ଆୟୋଜକ ଥିଲେ । ୨୦୧୨ରେ ଶ୍ରୀଲଙ୍କା, ୨୦୧୪ରେ ବାଂଲାଦେଶ ଥିଲା ଆୟୋଜକ । ଭାରତ ୨୦୧୬, ୟୁଏଇ ଏବଂ ଓମାନ ୨୦୨୧ ରେ ବିଶ୍ୱକପ୍ଆୟୋଜନକରିଥିଲେ ।ସେହିଭଳିଅଷ୍ଟ୍ରେଲିଆ୨୦୨୨ଏବଂଆମେରିକା-ୱେଷ୍ଟ ଇଣ୍ଡିଜ୍ ୨୦୨୪ରେ ଥିଲେ ଆୟୋଜକ । କିନ୍ତୁ ଚାମ୍ପିଅନ ଟିମ୍ ଥିଲେ ଭିନ୍ନ ।

ଗତ ୯ଟି ସଂସ୍କରଣରେ ଆୟୋଜକ ଦଳ ଏବଂ ବିଜୟୀ ଟିମ୍ ଭିନ୍ନ । ୨୦୦୭ରେ ଜିତିଥିଲା ଭାରତ । ୨୦୦୯ରେ ପାକିସ୍ତାନ, ୨୦୧୦ରେ ଇଂଲଣ୍ଡ ଏବଂ ୨୦୧୨ରେ ୱେଷ୍ଟଇଣ୍ଡିଜ୍ । ୨୦୧୪ରେ ଶ୍ରୀଲଙ୍କା, ୨୦୧୬ରେ ୱେଷ୍ଟ ଇଣ୍ଡିଜ୍ ଏବଂ ୨୦୨୧ରେ ଅଷ୍ଟ୍ରେଲିଆ ଜିତିଥିଲା ଟ୍ରଫି । ସେହିଭଳି ୨୦୨୨ରେ ଇଂଲଣ୍ଡ ଏବଂ ୨୦୨୪ରେ ଚାମ୍ପିଅନ ହୋଇଥିଲା ଭାରତ । ଟି-୨୦ ବିଶ୍ୱକପରେ ଭାରତ, ୱେଷ୍ଟଇଣ୍ଡିଜ୍ ଏବଂ ଇଂଲଣ୍ଡ ଦୁଇ ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି । ପାକିସ୍ତାନ, ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କା ଥରେ ଲେଖାଏଁ ନେଇଛନ୍ତି ଟ୍ରଫି ।

ଅନ୍ୟପକ୍ଷରେ ଏଥର ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଟି-୨୦ ବିଶ୍ୱକପ୍ ଆୟୋଜନ କରୁଛନ୍ତି । ଭାରତୀୟ ଟିମ୍ ଦମଦାର ଫର୍ମରେ ଥିବା ବେଳେ ଟପଟୁ ବଟମ୍ ସବୁ ପ୍ଲେୟାର ତୟାର । ଏସବୁ ଭିତରେ ଖେଳପ୍ରେମୀଙ୍କ ମନରେ ଆଶଙ୍କା । ଏଥର ଟ୍ରଫି ଜିତପାରିବ ତ ଭାରତ ? ନା ଭାଙ୍ଗିବ ପରମ୍ପରା, ଟ୍ରଫି ହାତେଇବ ସୂର୍ଯ୍ୟ ସେନା ? ମାର୍ଚ୍ଚ ୮ରେ ଆସିବ ଫାଇନାଲ୍ ଫୈସଲା । ଆଉ ସ୍ପଷ୍ଟ ହୋଇଯିବ, ବିଜେତା କିଏ?

ଆମେରିକୀୟ ସିଙ୍ଗର କେଣ୍ଡ୍ରିକ୍ ଲାମାର ଡକ୍ୱର୍ଥ, ଯିଏ ଆଧୁନିକ ହିପ୍-ହପ୍ ଏବଂ ସାଂସ୍କୃତିକ ଜଗତରେ ଏକ ଅନନ୍ୟ ନାମ, ତାଙ୍କର ଜୀବନ କାହାଣୀ କୌଣସି ଚଳଚ୍ଚିତ୍ରର କାହାଣୀଠାରୁ କମ୍ ନୁହେଁ। ୧୭ ଜୁନ୍, ୧୯୮୭ରେ କାଲିଫର୍ଣ୍ଣିଆର କମ୍ପଟନ୍ ସହରର ଏକ ଅଭାବୀ ପରିବାରରେ ଜନ୍ମଗ୍ରହଣ କରିଥିବା କେଣ୍ଡ୍ରିକଙ୍କ ପିଲାଦିନ ଅତ୍ୟନ୍ତ ଭୟଙ୍କର ପରିବେଶ ମଧ୍ୟରେ କଟିଥିଲା। ପିଲାଦିନେ ତାଙ୍କ ସହଘଟିଥିବା ସବୁ ନକାରାତ୍ମକତାକୁ ସେ ନିଜର ଶକ୍ତିରେ ପରିଣତ କରିଥିଲେ। ସେ ସ୍କୁଲରେ ଜଣେ ଶାନ୍ତ ଏବଂ ମେଧାବୀ ଛାତ୍ର ଥିଲେ, ଯିଏ ନିଜର ଭାବନାକୁ କବିତା ମାଧ୍ୟମରେ କାଗଜରେ ଲେଖୁଥିଲେ। ପରବର୍ତ୍ତୀ ସମୟରେ ଏହି କବିତାଗୁଡ଼ିକ ରାପ୍ ସଙ୍ଗୀତର ରୂପ ନେଇଥିଲା ଏବଂ ସେ "କେ ଡଟ୍" ନାମରେ ନିଜର ପ୍ରାରମ୍ଭିକ ମିକ୍ସଟେପ୍ ଜରିଆରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇଥିଲେ। ତାଙ୍କର ପ୍ରକୃତ ସଫଳତା ଆରମ୍ଭ ହେଲା ଯେତେବେଳେ ସେ ୨୦୧୨ରେ "ଗୁଡ କିଡ, ଏମ.ଏ . ଏ .ଡି ସିଟି " ଆଲବମ୍ ରିଲିଜ୍ କଲେ, ଯାହାକୁ ଏକ 'ସର୍ଟ ଫିଲ୍ମ' ଭାବେ ଗଣନା କରାଯାଏ । ଏହା ତାଙ୍କ କିଶୋର ଅବସ୍ଥାର ସଂଘର୍ଷକୁ ଗୋଟିଏ ପରେ ଗୋଟିଏ ଗୀତ ମାଧ୍ୟମରେ ବର୍ଣ୍ଣନା କରିଥିଲା। ଏହାପରେ ୨୦୧୫ର "ଟୁ ପିମ୍ପ ଏ ବଟରଫ୍ଲାଏ" ତାଙ୍କୁ ଜଣେ କେବଳ ରାପର୍ ନୁହେଁ ବରଂ ଜଣେ ଦାର୍ଶନିକ ଭାବେ ପ୍ରତିଷ୍ଠିତ କଲା । ଏଥିରେ ସେ ଆଫ୍ରିକୀୟ-ଆମେରିକୀୟ ସଂସ୍କୃତି, ବର୍ଣ୍ଣବୈଷମ୍ୟ ଏବଂ ଆତ୍ମ-ସମ୍ମାନ ଉପରେ ଗୁରୁତ୍ୱ ଦେଇଥିଲେ ।

# ମ୍ୟୁଜିକ ଆଇକନ
# କେଣ୍ଡ୍ରିକ



**ଚଳିତ ଗ୍ରାମୀରେ ଚର୍ଚ୍ଚିତ ବ୍ୟକ୍ତିଭାବେ ଉଭା ହୋଇଛନ୍ତି କେଣ୍ଡ୍ରିକ ଲାମରା। କେଣ୍ଡ୍ରିକ ଏହି ପୁରସ୍କାର ପାଇଁ ୯ଟି କାଟାଗୋରୀରେ ନୋମିନେସନ ହୋଇଥିଲେ, ଯାହା ତାଙ୍କୁ ବିଶେଷଭାବେ ଚର୍ଚ୍ଚିତ କରିଥିଲା ।**

କେଣ୍ଡ୍ରିକଙ୍କ ସଫଳତାର ଶୀର୍ଷ ସେତେବେଳେ ଦେଖିବାକୁ ମିଳିଲା ଯେତେବେଳେ ସେ ୨୦୧୭ର "ଡିଏଏମ୍ଏନ." ଆଲବମ୍ ପାଇଁ ସଙ୍ଗୀତ ଜଗତର ସର୍ବୋଚ୍ଚ ସମ୍ମାନ 'ପୁଲିଜର୍ ପୁରସ୍କାର' ହାସଲ କଲେ । ଏବେ ସୁଦ୍ଧା, ତାଙ୍କ ନାମରେ ସର୍ବମୋଟ ୨୭ଟି ଗ୍ରାମୀ ପୁରସ୍କାର ରହିଛି, ଯାହା ତାଙ୍କୁ ଇତିହାସର ସବୁଠାରୁ ଅଧିକ ଗ୍ରାମୀ ବିଜେତା ରାପର୍‌ର ମାନ୍ୟତା ଦେଇଛି। ତାଙ୍କର "ମିଷ୍ଟର ମୋରାଲେ ଏବଂ ବିଗ୍ ଷ୍ଟେପର୍ସ" ଏବଂ ୨୦୨୫ର ବହୁ ଚର୍ଚ୍ଚିତ ଆଲବମ୍ "ଜିଏନ୍ଏକ୍ସ" ରେ ସେ ମାନସିକ ସ୍ୱାସ୍ଥ୍ୟ, ପାରିବାରିକ ଆଘାତ ଏବଂ ଆଧ୍ୟାତ୍ମିକ ଚେତନାକୁ ନିଜ ସଙ୍ଗୀତରେ ସ୍ଥାନ ଦିଅନ୍ତି। ୨୦୨୫ରେ ସୁପର ବୋଲ୍ ହାଲ୍‌ଫଟାଇମ୍ ଶୋ'ରେ ତାଙ୍କର ଐତିହାସିକ ପ୍ରଦର୍ଶନ ତାଙ୍କୁ ଜଣେ ବିଶ୍ୱସ୍ତରୀୟ ଆଇକନ୍ ଭାବେ ସ୍ଥାପିତ କରିଛି । କେଣ୍ଡ୍ରିକଙ୍କ ଗୀତର ପ୍ରତ୍ୟେକ ଶବ୍ଦରେ ସତ୍ୟତା, ସାମାଜିକ ନ୍ୟାୟ ଏବଂ ପରିବର୍ତ୍ତନର ଆହ୍ୱାନ ଥାଏ, ଯାହା ତାଙ୍କୁ ଅନ୍ୟ ସମସ୍ତ କଳାକାରଙ୍କଠାରୁ ଅଲଗା କରିଥାଏ । ସେ କେବଳ ମନୋରଞ୍ଜନ ପାଇଁ ଗୀତ ଗାଆନ୍ତି ନାହିଁ, ବରଂ ସମାଜର ଦଳିତ ଓ ନିଷ୍ପେଷିତ ଶ୍ରେଣୀର ସ୍ୱର ସାଜି ଇତିହାସ ରଚନା କରିଚାଲିଛନ୍ତି।